
# ମହାନ ଆଦେଶର ସଫଳତାରେ ଆପଣ କିପରି ସାହାଯ୍ୟ କରିପାରିବେ



ଖ୍ରୀଷ୍ଟଙ୍କ ନିମନ୍ତେ ଲୋକମାନଙ୍କୁ **ଜିଣିବା**

ଖ୍ରୀଷ୍ଟଙ୍କଠାରେ ଲୋକମାନଙ୍କୁ **ଗଢ଼ିବା**

ଖ୍ରୀଷ୍ଟଙ୍କ ନିମନ୍ତେ ଲୋକମାନଙ୍କୁ **ପଠେଇବା**

**କ୍ରମାନୁଯାୟୀ ନିର୍ଦ୍ଦେଶାବଳୀ**



# ପରିଚୟ

ଖ୍ରୀଷ୍ଟଙ୍କ ସହିତ ମୋର ସମ୍ପର୍କ ୧୯୫୬ ମସିହା ସେପ୍ଟେମ୍ବର ମାସରେ ଆରମ୍ଭ ହେଲା ଯେତେବେଳେ ମୁଁ ୨୦ ବର୍ଷ ବୟସରେ ନିଜ ହୃଦୟ ଓ ଜୀବନକୁ ପ୍ରଭୁଙ୍କ ନିକଟରେ ସମର୍ପଣ କଲି ଏବଂ ଅଦ୍ଭୁତ ଭାବରେ ପରିବର୍ତ୍ତିତ ହେଲି । ସେହି ସମୟଠାରୁ ତାଙ୍କୁ ବିଶ୍ୱସ୍ତ ଭାବରେ ପ୍ରେମ କରିବା ଏବଂ ତାହାଙ୍କର ପ୍ରେମ ଅନେକଙ୍କ ସହିତ ବାଣ୍ଟିବା ତଥା ଶିକ୍ଷା ଓ ପ୍ରଶିକ୍ଷଣ ମାଧ୍ୟମରେ ଅନ୍ୟମାନଙ୍କୁ ପ୍ରଭୁଙ୍କଠାରେ ବୃଦ୍ଧି କରିବାର ସେବାକାର୍ଯ୍ୟକୁ ମୁଁ ମୋର ଗୌରବ ଓ ଏକ ବିଶେଷ ସୁଯୋଗ ମନେକରି ଆସିଛି ।

ସେ ଯାହା ହେଉ, ଏହି ବର୍ଷ ଗୁଡ଼ିକରେ ସଂକ୍ଷିପ୍ତ, ସହଜ, ସରଳ ଭାବରେ ବ୍ୟବହୃତ ହୋଇପାରୁଥିବା ଭଳି ସୁସମାଚାର ପ୍ରଚାର ଓ ଶିଷ୍ୟତ୍ୱ ଭିତ୍ତିକ ପାଠ୍ୟକ୍ରମର ଅଭାବ ମୁଁ ଦେଖିଛି । ସେଥିପାଇଁ ମୁଁ ଏହି ଖ୍ରୀଷ୍ଟ କୈନ୍ଦ୍ରିକ, ବାଇବଲ ଆଧାରିତ, ବ୍ୟବହାରିକ ଏବଂ ହସ୍ତାନ୍ତର ଯୋଗ୍ୟ ବିଷୟବସ୍ତୁ ତିଆରି କରିଛି, ଯାହା ମୁଁ ତଥା ଅନ୍ୟମାନେ ସଫଳତାର ସହିତ ଅନେକ ବର୍ଷଧରି ବ୍ୟବହାର କରିଅଛୁ ।

ଯଦିବା ଅନେକ ଉପାଦେୟ ପୁସ୍ତକ ଓ ପୁସ୍ତିକା ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଲେଖାହୋଇଛି, ତଥାପି ମୁଁ ଏପରି କିଛି ପ୍ରସ୍ତୁତ କରିବା ପାଇଁ ଚାହୁଁଥିଲି, ଯାହା ସରଳ, ସହଜ-ବୋଧଗମ୍ୟ ଓ ଅନାୟାସରେ ବ୍ୟବହାର କରାଯାଇପାରିବ ।

ଏହି ଉପକରଣଗୁଡ଼ିକ ଯାହାକୁ ମୁଁ **'ଶକ୍ତିପୁଞ୍ଜ'** ବୋଲି କହିଥାଏ, ଆଶାପ୍ରଦଭାବରେ ଆପଣମାନଙ୍କୁ ଖ୍ରୀଷ୍ଟଙ୍କ ମହାନ ଆଦେଶ (..... ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ..... ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର) ସଫଳ କରିବାରେ ସାହାଯ୍ୟ କରିବା ପାଇଁ ତଥ୍ୟ ଯୋଗାଇଦେବ ।

ଆମ୍ଭମାନଙ୍କର ଆଶ୍ଚର୍ଯ୍ୟ ପରମେଶ୍ୱର ଆପଣମାନଙ୍କୁ ଆଶିର୍ବାଦ କରନ୍ତୁ ଓ ତାହାଙ୍କର ଗୌରବ ପାଇଁ ବ୍ୟବହାର କରନ୍ତୁ ଯେପରି ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଅନେକଙ୍କୁ ଜିଣିବାରେ, ଗଠନ କରିବାରେ ଓ ଅନ୍ୟମାନଙ୍କ ନିକଟକୁ ପଠାଇବାରେ ଆପଣ ସାହାଯ୍ୟ କରିପାରନ୍ତି ।

**ଆଚାର୍ଯ୍ୟ ୱେନ୍ ଶୁଆର୍ଟ,**
ଯୁକ୍ତରାଷ୍ଟ୍ର ଆମେରିକା

# ସୂଚୀପତ୍ର


ପବିତ୍ର ଆତ୍ମା..........................................................................................................୧

ଜୀବନ ଚକ୍ର..........................................................................................................୨

ଖ୍ରୀଷ୍ଟଙ୍କ ନିମନ୍ତେ ସାକ୍ଷୀ ହେବା..........................................................................................୩

ସଫଳ ସାକ୍ଷ୍ୟ..........................................................................................................୪

ବ୍ୟକ୍ତିଗତ ସାକ୍ଷ୍ୟ କିପରି ପ୍ରସ୍ତୁତ କରିବେ ଓ ଉପସ୍ଥାପନ କରିବେ...................................................୫

ସାକ୍ଷ୍ୟ ଫର୍ଦ୍ଦ..........................................................................................................୬

ଲକ୍ଷ୍ୟ ଧାର୍ଯ୍ୟ କରିବା..................................................................................................୭

ସୁସମାଚାର ପ୍ରଚାର ଦ୍ୱାରା ପରିବର୍ତ୍ତନ.......................................................................୮-୯

ଶିଷ୍ୟ କରିବା.................................................................................................୧୦-୧୧

ଆତ୍ମିକ ବୃଦ୍ଧି ପାଇଁ ''ଚାରୋଟି କଥା''..............................................................................୧୨

ଈଶ୍ୱରଙ୍କ ବାକ୍ୟକୁ କିପରି ପ୍ରଭାବଶାଳୀଭାବେ ଶିକ୍ଷା ଦେବେ.................................................୧୩

କ୍ଷୁଦ୍ର ଦଳ ପ୍ରଶିକ୍ଷଣ..................................................................................................୧୪

ବାଇବଲ କିପରି ଅଧ୍ୟୟନ କରିବେ.........................................................................୧୫-୧୬



# ପବିତ୍ର ଆତ୍ମା

ଖ୍ରୀଷ୍ଟିୟାନ ପକ୍ଷରେ ଈଶ୍ୱରଙ୍କ ପବିତ୍ର ଆତ୍ମାଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟକୁ ବୁଝିବା ଏବଂ ଶିକ୍ଷାକରିବା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ ବିଷୟ କିଛି ନାହିଁ । ଆମ୍ଭେମାନେ ଆମ ଜୀବନରେ ତାହାଙ୍କ ଜୀବନ ଓ ଶକ୍ତି ଅନୁଭବ କରିବା ସହିତ ଖ୍ରୀଷ୍ଟଙ୍କ ପ୍ରେମ ଓ ଜୀବନକୁ ଅନ୍ୟମାନଙ୍କଠାରେ ପ୍ରତିଫଳିତ କରିପାରିବା ଏବଂ ମହାନ ଆଦେଶ ସଫଳ କରିବାପାଇଁ ଐଶ୍ୟରୀୟ ଶକ୍ତିରେ ସସଜ୍ଜ ହୋଇପାରିବା ।

୧. ସେ କିଏ ଅଟନ୍ତି ? ସେ ଈଶ୍ୱର ଅଟନ୍ତି, ତ୍ରିଏକ ପରମେଶ୍ୱରଙ୍କ ତୃତୀୟ ବ୍ୟକ୍ତିତ୍ୱ । (ମାଥିଉ ୨୮:୧୯-୨୦)

୨. ସେ ଏକ ବ୍ୟକ୍ତି ଅଟନ୍ତି ? (ଯୋହନ ୧୬:୧୩)

୩. ସେ ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ (ଅବିଶ୍ୱାସୀମାନଙ୍କୁ) ବୋଧ ଦେବେ । (ଯୋହନ ୧୬:୮)

୪. ସେ ଖ୍ରୀଷ୍ଟଙ୍କ ବିଷୟରେ ସାକ୍ଷ୍ୟ ଦେବେ (କହିବେ) । (ଯୋହନ ୧୫:୨୬)

୫. ସେ ଆମ୍ଭମାନଙ୍କୁ ସମସ୍ତ ସତ୍ୟରେ ପ୍ରବେଶ କରାଇବା ନିମନ୍ତେ ପଥ ଦେଖାଇବେ । (ଯୋହନ ୧୬:୧୩)

୬. ସେ ନୂତନ ଜନ୍ମ ଦିଅନ୍ତି, ଯେତେବେଳେ ଜଣେ ମନୁଷ୍ୟ ପୁନର୍ଜନ୍ମ ପାଏ । (ଯୋହନ ୩:୫-୬)

୭. ସେ ପ୍ରତ୍ୟେକ ଖ୍ରୀଷ୍ଟବିଶ୍ୱାସୀଙ୍କ ଅନ୍ତରରେ ବାସ କରନ୍ତି । (୧ କରନ୍ଥୀୟ ୬:୧୯-୨୦)

୮. ସେ ଈଶ୍ୱରଙ୍କ ଆତ୍ମିକ ଦାନଗୁଡ଼ିକର ଉତ୍ସ ଅଟନ୍ତି । (୧ମ କରନ୍ଥୀୟ ୧୨:୧-୧୧; ରୋମୀୟ ୧୨:୬-୮)

୯. ସେ ଆତ୍ମିକ ଫଳ (ଚରିତ୍ର/ଗୁଣ) ଗୁଡ଼ିକର ଉତ୍ସ ଅଟନ୍ତି । (ଗାଲାତୀୟ ୫:୨୨-୨୩)

୧୦. ଖ୍ରୀଷ୍ଟଙ୍କ ସାକ୍ଷୀ ହେବା ନିମନ୍ତେ ସେ ଆମ୍ଭମାନଙ୍କୁ ଶକ୍ତିଯୁକ୍ତ କରନ୍ତି । (ପ୍ରେରିତ ୧:୮)


୧୧. ପବିତ୍ର ଆତ୍ମାରେ ପୂର୍ଣ୍ଣହେବା (ନିୟନ୍ତ୍ରିତ ହେବା) ପାଇଁ ଈଶ୍ୱର ଆମ୍ଭମାନଙ୍କୁ ଆଦେଶ ଦେଇଅଛନ୍ତି । (ଏଫିସୀୟ ୫:୧୮)

## ଜୀବନ ଚକ୍ର




୧ କରିନ୍ଥୀୟ ୬:୧୯-୨୦ ~ ରୋମୀୟ ୧୨:୧

# ଖ୍ରୀଷ୍ଟଙ୍କ ନିମନ୍ତେ ସାକ୍ଷୀ ହେବା



ନିମ୍ନୋକ୍ତ ପ୍ରସ୍ତାବଗୁଡ଼ିକ ଆପଣଙ୍କୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିମନ୍ତେ ଏକ ପ୍ରଭାବଶାଳୀ ସାକ୍ଷୀ ହେବାରେ ସାହାଯ୍ୟ ଓ ଉତ୍ସାହ ଦେବ ଏବଂ ଅନ୍ୟମାନଙ୍କୁ ପ୍ରଭୁଙ୍କ ପାଇଁ ଜିଣିବାରେ ସାହାଯ୍ୟ କରିବ ।

୧. ପ୍ରଥମେ, ଆପଣ ନିଜର ପରିତ୍ରାଣ ବିଷୟରେ ନିଶ୍ଚିତ ହେବା ଆବଶ୍ୟକ । ଈଶ୍ୱର ଆପଣଙ୍କୁ **ଜଣାଇବାକୁ** ଚାହାଁନ୍ତି ଯେ ଆପଣ ଅନନ୍ତ ଜୀବନ ପାଇଅଛନ୍ତି । (୧ମ ଯୋହନ ୫:୧୩)

୨. ବାସ୍ତବତାରେ ପ୍ରଭାବଶାଳୀ ହେବାପାଇଁ, ନିଜ ଜୀବନକୁ ସମ୍ପୂର୍ଣ୍ଣଭାବରେ ଖ୍ରୀଷ୍ଟଙ୍କଠାରେ ଅର୍ପଣ କରିବାକୁ ହେବ ପୁଣି ପବିତ୍ର ଆତ୍ମା ଓ ତାହାଙ୍କ ଶକ୍ତିରେ ପରିପୂର୍ଣ୍ଣ ହେବାକୁ ହେବ । ଏହାର ଉଦ୍ଦେଶ୍ୟ ହେଉଛି ଶକ୍ତିପ୍ରାପ୍ତ ହେବା ତଥା ଖ୍ରୀଷ୍ଟଙ୍କ ସାକ୍ଷୀ ହେବା ନିମନ୍ତେ ଆଗ୍ରହ ପ୍ରକାଶ କରିବା । (ପ୍ରେରିତ ୧:୮, ୪:୩, ୯:୧୭,୨୦)

୩. ''ସଫଳ ସାକ୍ଷୀ'' ହେବା ନିମନ୍ତେ ଶିକ୍ଷା ଗ୍ରହଣ କରନ୍ତୁ ଏବଂ ପ୍ରୟୋଗ କରନ୍ତୁ:

ପବିତ୍ର ଆତ୍ମାଙ୍କ ଶକ୍ତିରେ ଯୀଶୁ ଖ୍ରୀଷ୍ଟଙ୍କ ସାକ୍ଷୀ ହେବାପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରନ୍ତୁ ଏବଂ ପରିଣାମକୁ ଈଶ୍ୱରଙ୍କ ହାତରେ ଛାଡ଼ି ଦିଅନ୍ତୁ ।

୪. ଏକ ''କାର୍ଯ୍ୟକାରୀ ଜ୍ଞାନର'' ବିକାଶ ପାଇଁ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରନ୍ତୁ । ନିଜ ହୃଦୟରେ ତାହାଙ୍କ ବାକ୍ୟ ସଞ୍ଚୟ କରି ରଖନ୍ତୁ, ଯଦ୍ୱାରା ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ କରିବା ନିମନ୍ତେ ପବିତ୍ର ଆତ୍ମା ଏହାକୁ ବ୍ୟବହାର କରିପାରନ୍ତି । (୨ ତୀମଥି ୨:୧୫)

୫. ଉତ୍ତମ ପରିବର୍ତ୍ତନଶୀଳତା ଶିକ୍ଷା କରି ବ୍ୟବହାର କରନ୍ତୁ, ଯାହା ଆପଣଙ୍କୁ ଶାରୀରିକ ଚିନ୍ତାଧାରାରୁ ଆଧାତ୍ମିକତାକୁ ନେଇଯିବ । ଆପଣ ଖ୍ରୀଷ୍ଟଙ୍କୁ କିପରି ଗ୍ରହଣ କଲେ ଏବଂ ଆପଣଙ୍କ ଜୀବନରେ ଖ୍ରୀଷ୍ଟଙ୍କ ମହତ୍ତ୍ୱ କ'ଣ – ଏହା ବ୍ୟକ୍ତିଗତ ସାକ୍ଷ୍ୟ ଦ୍ୱାରା ପ୍ରକାଶ କରନ୍ତୁ । ବାଇବଲ ଆଧାରିତ ଏକ ଉତ୍ତମ ପୁସ୍ତିକା ବ୍ୟବହାର କରନ୍ତୁ, ଉଦାହରଣ ସ୍ୱରୂପ –*''ଆପଣ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାକୁ ଚାହାଁନ୍ତି କି?''*

୬. ଖ୍ରୀଷ୍ଟଙ୍କୁ ଉପସ୍ଥାପନ କରିବା ପାଇଁ ପରିତ୍ରାଣ–ଯୋଜନାର ଏକ ସରଳ ରୂପରେଖ ଅନୁସରଣ କରନ୍ତୁ ।

କ) ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି, ତାଙ୍କୁ ବ୍ୟକ୍ତିଗତ ଭାବରେ ଜାଣିବାପାଇଁ ଆପଣଙ୍କୁ ସୃଷ୍ଟି କରିଅଛନ୍ତି । (ଯୋହନ ୩:୧୬, ୧୭:୩)

ଖ) ମନୁଷ୍ୟ ପାପୀ ଓ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇଥିବାରୁ, ଆମ୍ଭେମାନେ ସିଧାସଳଖ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣି ନ ପାରୁ ଏବଂ ତାଙ୍କର ପ୍ରେମକୁ ଅନୁଭବ କରି ନ ପାରୁ । (ରୋମୀୟ ୩:୨୩, ୬:୨୩)

ଗ) ମନୁଷ୍ୟର ପାପ ନିମନ୍ତେ ଯୀଶୁ ଖ୍ରୀଷ୍ଟ ହିଁ ଈଶ୍ୱରଙ୍କର **ଏକମାତ୍ର** ଆୟୋଜନ, କେବଳ ତାହାଙ୍କ ଦ୍ୱାରା ଆମ୍ଭେମାନେ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣିପାରୁ ଏବଂ ତାହାଙ୍କ ପ୍ରେମକୁ ଉପଲବ୍ଧି କରିପାରୁ । (ରୋମୀୟ ୫:୮, ଯୋହନ ୧୪:୬) ।

ଘ) ଆମ୍ଭେମାନେ ପ୍ରତ୍ୟେକେ ଯୀଶୁ ଖ୍ରୀଷ୍ଟଙ୍କୁ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ଗ୍ରହଣ କରିବା ଆବଶ୍ୟକ, ତା' ପରେ ଆମ୍ଭେମାନେ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣିପାରିବା ଏବଂ ତାହାଙ୍କ ପ୍ରେମକୁ ଅନୁଭୂତିରେ ପାଇପାରିବା (ଯୋହନ ୧:୧୨, ଏଫିସୀୟ ୨:୮–୯, ପ୍ରକାଶିତ ବାକ୍ୟ ୩:୨୦) ।

୭. ଅଣ–ଖ୍ରୀଷ୍ଟିୟାନମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଜୀବନୀ ଭିତ୍ତିକ ଚଳଚ୍ଚିତ୍ର ଦେଖିବାପାଇଁ ଉତ୍ସାହିତ କରନ୍ତୁ ବା ଗୃହକୁ ନିମନ୍ତ୍ରଣ କରି ଦେଖାନ୍ତୁ ।

୮. ଆପଣ ଯେଉଁମାନଙ୍କ ସହିତ ନିଜର ଅନୁଭୂତି ବାଣ୍ଟିଲେ, ସେମାନେ ଯଦି ଖ୍ରୀଷ୍ଟଙ୍କୁ ଗ୍ରହଣ କରନ୍ତି, ତେବେ ଖ୍ରୀଷ୍ଟଙ୍କ ସମ୍ବନ୍ଧରେ ସେମାନଙ୍କ ନିଷ୍ପତ୍ତିକୁ ଅନ୍ୟଜଣଙ୍କୁ ତୁରନ୍ତ କହିବାପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ (ଲୂକ ୮:୩୯) ଏବଂ ଆପଣଙ୍କର ପ୍ରଥମ ଶିଷ୍ୟତ୍ୱ ସାକ୍ଷାତ ପାଇଁ ଏକ ସମୟ ଧାର୍ଯ୍ୟ କରନ୍ତୁ ।

୯. ସ୍ପଷ୍ଟରୂପେ କଥା କୁହନ୍ତୁ, ନିଜ କଳ୍ପନା ବା ଭାବନା ଦ୍ୱାରା ଚାଳିତ ନ ହୋଇ ସର୍ବଦା ଈଶ୍ୱରଙ୍କ ବାକ୍ୟରୁ ହିଁ କଥା କୁହନ୍ତୁ । ହସ ହସ ମୁହଁ ସହିତ ଉତ୍ସାହୀତ ଭାବ ରଖନ୍ତୁ । ଯାହାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି, ତାଙ୍କ ଆଡ଼କୁ ଅନାଇ କଥାବାର୍ତ୍ତା କରନ୍ତୁ ।

୧୦. ଅପର ବ୍ୟକ୍ତିଙ୍କୁ ଜାଣିବାପାଇଁ ଆଗ୍ରହ ପ୍ରକାଶ କରନ୍ତୁ, ବିଶେଷରେ ତାଙ୍କ ଆବଶ୍ୟକତା ପ୍ରତି ସଚେତନ ରୁହନ୍ତୁ । ଭଦ୍ରତା ଓ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ଅବଲମ୍ବନ କରନ୍ତୁ ।

୧୧. **ସର୍ବୋପରି**, ଯୀଶୁ ଖ୍ରୀଷ୍ଟଙ୍କୁ ସର୍ବୋଚ୍ଚ ସ୍ଥାନ ଦିଅନ୍ତୁ । ତା'ଙ୍କୁ କେନ୍ଦ୍ର କରି ଆପଣଙ୍କର ସାକ୍ଷ୍ୟ କୁହନ୍ତୁ, କୌଣସି ମଣ୍ଡଳୀ, ସମ୍ପ୍ରଦାୟ ବା ଧର୍ମକୁ କେନ୍ଦ୍ର କରି ନୁହେଁ ।

୧୨. ନିମ୍ନୋକ୍ତ ବିଷୟଗୁଡ଼ିକଠାରୁ ଦୂରେଇ ରହିବା ଉଚିତ୍ :–

କ) ଯୁକ୍ତିତର୍କ ବା ସମାଲୋଚନା

ଖ) ନିଜକୁ ଅନ୍ୟଠାରୁ ଶ୍ରେଷ୍ଠ ବା ପବିତ୍ର ଭାବିବା

ଗ) ବେଶୀ କଥା କହିବା । ଯଦି ଆପଣ ହିଁ କେବଳ କଥା କହୁଥିବେ, ତେବେ ଅନ୍ୟମାନଙ୍କର ଅଭାବ ବା ଆବଶ୍ୟକତା ବିଷୟରେ ଜାଣିପାରିବେ ନାହିଁ ।

ଘ) ନିଷ୍ପତ୍ତି ଗ୍ରହଣ କରିବା ପାଇଁ ବାଧ କରିବା । ଭଦ୍ର ବ୍ୟବହାର କରନ୍ତୁ । ବାଧ କରନ୍ତୁ ନାହିଁ, କେବଳ ପଚାରନ୍ତୁ । (୨ ତିମଥୀ ୨:୨୩–୨୫)


୧୩. ଖ୍ରୀଷ୍ଟଙ୍କ ସାକ୍ଷୀ ହେବାର ଅନେକ ଉପଯୋଗୀତା ରହିଛି :–

ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି– ଏହା ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରେ; ଖ୍ରୀଷ୍ଟବିହୀନ ଲୋକଙ୍କ ନିକଟକୁ ପହଞ୍ଚିବାରେ ସାହାଯ୍ୟ କରେ; ଏହାଦ୍ୱାରା ସବୁ ପ୍ରକାର ଓ ଶ୍ରେଣୀର ଲୋକଙ୍କ ପାଖରେ ପହଞ୍ଚିହୁଏ; ଯେ କୌଣସି ସ୍ଥାନରେ ବା ସମୟରେ ଖ୍ରୀଷ୍ଟିୟ ସେବାକାର୍ଯ୍ୟ ନିମନ୍ତେ ଏହା ଆପଣଙ୍କୁ ଏକ ଅସାଧାରଣ ସୁଯୋଗ ଯୋଗାଇଥାଏ ଏବଂ ଆପଣଙ୍କର ଆଧାତ୍ମିକ ଜୀବନକୁ ଦୃଢ଼ିଭୂତ କରିବାରେ ସାହାଯ୍ୟ କରିଥାଏ ।

# ସଫଳ ସାକ୍ଷ୍ୟ ହେଉଛି

"ପବିତ୍ର ଆତ୍ମାଙ୍କ ଶକ୍ତିରେ
ଯୀଶୁ ଖ୍ରୀଷ୍ଟଙ୍କ ସାକ୍ଷୀ ହେବାପାଇଁ
ଆଗୁଆ ପଦକ୍ଷେପ ନେବା
ଏବଂ ପରିଣାମକୁ
ଈଶ୍ୱରଙ୍କ ହାତରେ ଛାଡ଼ି ଦେବା ।"

# ବ୍ୟକ୍ତିଗତ ସାକ୍ଷ୍ୟ କିପରି ପ୍ରସ୍ତୁତ କରିବେ ଓ ଉପସ୍ଥାପନ କରିବେ



ନିମ୍ନ ତାଲିକାଭୁକ୍ତ ବିଷୟଗୁଡ଼ିକ ଆପଣଙ୍କର ବ୍ୟକ୍ତିଗତ ସାକ୍ଷ୍ୟ ବା ଖ୍ରୀଷ୍ଟଙ୍କ ସହିତ ଆପଣଙ୍କ ସମ୍ପର୍କର କାହାଣୀକୁ ଜଣେ ବ୍ୟକ୍ତି ସମ୍ମୁଖରେ ବା ଜନସମାବେଶ ମଧ୍ୟରେ ବ୍ୟକ୍ତ କରିବାପାଇଁ ସାହାଯ୍ୟ କରିବ । ଏହି ସରଳ ନିର୍ଦ୍ଦେଶଗୁଡ଼ିକ ମାନିବା ଦ୍ୱାରା, ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣଙ୍କ ପାଇଁ କ'ଣ କରିଛନ୍ତି, ଏହା ଅନ୍ୟମାନଙ୍କ ନିକଟରେ ପ୍ରଭାବଶାଳିରୂପେ ପ୍ରକାଶ କରିପାରିବେ ।

୧. ପବିତ୍ର ଆତ୍ମାଙ୍କଠାରୁ ଆଶୀର୍ବାଦ ଓ ଶକ୍ତି ମାଗନ୍ତୁ ଯେପରି ଆପଣଙ୍କ ମୁଖର ବାକ୍ୟକୁ ସେ ଶକ୍ତିଯୁକ୍ତ କରନ୍ତି, ଯାହା ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବା ସଙ୍ଗେ ସଙ୍ଗେ ଶ୍ରୋତାମାନଙ୍କର ଉତ୍ସାହ ଓ ଆହ୍ୱାନର ଉତ୍ସ ହେବ । (ପ୍ରେରିତ ୧:୮)

୨. ଆପଣଙ୍କ ପରିତ୍ରାଣର ବ୍ୟକ୍ତିଗତ ସାକ୍ଷ୍ୟ ନିମ୍ନୋକ୍ତ ରୂପରେଖାକୁ ନେଇ ଗଠିତ ହେବା ଉଚିତ ।

   କ) ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା **ପୂର୍ବେ** ଆପଣଙ୍କ ଜୀବନ କିପରି ଥିଲା ।

   ଖ) ଖ୍ରୀଷ୍ଟଙ୍କୁ **କିପରି** ଗ୍ରହଣ କଲେ ।

   ଗ) ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା **ପରେ** ଆପଣଙ୍କ ଜୀବନ କିପରି ହେଲା । (ପ୍ରେରିତ ୨୬:୧-୨୩; ୨୨:୧-୨୧) ।

   ଏହି ରୂପରେଖାଦ୍ୱାରା ଆପଣ ଜାଣି ପାରିବେ ଯେ ଆପଣ କେଉଁଠାରୁ ଆରମ୍ଭ କରିବେ, କେତେଦୂର ପର୍ଯ୍ୟନ୍ତ ଯିବେ ଓ କେଉଁଠି ଶେଷ କରିବେ।

୩. ଖ୍ରୀଷ୍ଟଙ୍କୁ ପ୍ରଥମ ସ୍ଥାନ ଦିଅନ୍ତୁ । ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ଦ୍ୱାରା ହିଁ ଆପଣ ପରିତ୍ରାଣ ପାଇଛନ୍ତି, ଏହା ଦୃଢ଼ଭାବେ କୁହନ୍ତୁ । ମନେ ରଖନ୍ତୁ, ଜଣେ ଅଣଖ୍ରୀଷ୍ଟିୟାନ ବ୍ୟକ୍ତି କିଭଳି ଖ୍ରୀଷ୍ଟଙ୍କୁ ଗ୍ରହଣ କରିବ, ଏହା ଆପଣଙ୍କ ସାକ୍ଷ ଦ୍ୱାରା ଜାଣିପାରିବା ଆବଶ୍ୟକ (ଲୁକ ୮:୩୮-୩୯) ।

୪. ଏକ ସାକ୍ଷ୍ୟ ହାରାହାରି ୪-୫ ମିନିଟ୍ ଦୀର୍ଘ ହେବା ଉଚିତ । ୪-୫ ମିନିଟ୍ ପାଇଁ ପ୍ରସ୍ତୁତ ହୋଇଥିଲେ, ଏହାକୁ ଦୀର୍ଘ କିମ୍ବା ସଂକ୍ଷିପ୍ତ କରି ଉପଲବ୍ଧ ସମୟ ମଧ୍ୟରେ ସୀମିତ କରିପାରିବେ ।

୫. ଖ୍ରୀଷ୍ଟ ଆପଣଙ୍କ ପାଇଁ କ'ଣ କରିଛନ୍ତି ବା ତାଙ୍କ ସହିତ ଆପଣଙ୍କର ସମ୍ପର୍କ କ'ଣ ଏହା ଅନ୍ୟମାନଙ୍କୁ ଜଣାଇବା ହିଁ ସାକ୍ଷ୍ୟ ଅଟେ । ଲୋକଙ୍କୁ ଶିକ୍ଷା ଦେବାର ସମୟ ଏହା ନୁହେଁ । ନିଜକୁ ତଥା ଖ୍ରୀଷ୍ଟଙ୍କ ସହିତ ଆପଣଙ୍କର ବ୍ୟକ୍ତିଗତ ସମ୍ପର୍କକୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କରିବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ ।

୬. ଈଶ୍ୱରଙ୍କ ବାକ୍ୟରୁ ଗୋଟିଏ ବା ଦୁଇଟି ପଦକୁ ଭିତ୍ତିକରି ନିଜର ସାକ୍ଷ୍ୟ ତିଆରି କରନ୍ତୁ । ସାକ୍ଷ୍ୟର ଆରମ୍ଭ ଓ ଶେଷ ଯେପରି ଭଲ ହୁଏ ଏଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଏହାଦ୍ୱାରା ଆପଣଙ୍କ ସାକ୍ଷ୍ୟ ଚିତ୍ତାକର୍ଷକ ହେବା ସଙ୍ଗେ ସଙ୍ଗେ ସ୍ପଷ୍ଟ ଓ ପ୍ରାସଙ୍ଗିକ ହେବ ।

୭. ସାକ୍ଷକୁ ସ୍ପଷ୍ଟ ଏବଂ ଉଚ୍ଚ ସ୍ୱରରେ କୁହନ୍ତୁ, ଯେପରି ସମସ୍ତେ ଶୁଣିପାରିବେ । ଯେକୌଣସି ପ୍ରକାରେ ଉତ୍ସାହିତ ରୁହନ୍ତୁ । ଯେହେତୁ ଖ୍ରୀଷ୍ଟିୟାନ ହେବା ଏକ ଉତ୍ସାହଜନକ ବିଷୟ ।

୮. ବାସ୍ତବବାଦୀ ହୁଅନ୍ତୁ । ଖ୍ରୀଷ୍ଟ, ଜୀବନର ସମସ୍ୟା ଓ ଅସୁବିଧାଗୁଡ଼ିକର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରନ୍ତି ନାହିଁ, କିନ୍ତୁ ଆପଣଙ୍କ ଜୀବନରେ ସେ ଉଦ୍ଦେଶ୍ୟ ଓ ଦିଗଦର୍ଶନ କରନ୍ତି, ଯଦ୍ୱାରା ଆପଣ ସମସ୍ତ ବିଷୟକୁ ଶାନ୍ତି ତଥା ଆତ୍ମବିଶ୍ୱାସ ସହ ମୁକାବିଲା କରିପାରିବେ (ଯାକୁବ ୧:୨-୪, ରୋମୀୟ ୫:୩-୪) ।

୯. ସତର୍କତାର ସହ ନିମ୍ନ ବିଷୟସବୁରୁ ଦୂରେଇ ରୁହନ୍ତୁ :-

   କ) ପ୍ରଚାର କଲା ପରି ସାକ୍ଷ୍ୟ (ସ୍ୱାଭାବିକ ରୁହନ୍ତୁ । ଲୋକମାନଙ୍କୁ କିଛି କରିବାକୁ ବାଧ୍ୟ କରନ୍ତୁ ନାହିଁ ।)

   ଖ) କୌଣସି ଧର୍ମ, ମଣ୍ଡଳୀ ବା ସମ୍ପ୍ରଦାୟର ସପକ୍ଷରେ ଅବା ବିପକ୍ଷରେ କଥା କହିବା (ଖ୍ରୀଷ୍ଟଙ୍କୁ ସର୍ବଦା ଉଚ୍ଚରେ ରଖନ୍ତୁ ।)

   ଗ) ନିସ୍ତେଜ ଅଙ୍ଗଭଙ୍ଗୀ ଅଥବା ଆଶଙ୍କିତ ପ୍ରକୃତି (ଧୀର ସ୍ଥିର, କିନ୍ତୁ ଆକର୍ଷଣୀୟ ରହନ୍ତୁ ।)

   ଘ) ନିଜର ଅସମର୍ଥତାକୁ ଲୁଚାଇବାପାଇଁ ବାହାନା କରିବା (ଏହାଦ୍ୱାରା ଅନ୍ୟମାନେ ଆପଣଙ୍କ ଦୁର୍ବଳତା ଅନୁମାନ କରିପାରିବେ ଏବଂ ଫଳତଃ ଆପଣଙ୍କୁ ଅଧିକ ଖରାପ ଲାଗିବ । ନିର୍ଭୀକ ରହିବାପାଇଁ ପବିତ୍ର ଆତ୍ମାଙ୍କଠାରେ ପ୍ରାର୍ଥନା କରନ୍ତୁ । ପ୍ରେରିତ ୪:୩୧)

   ଙ) ''ବିଶେଷ ଖ୍ରୀଷ୍ଟିୟ ଶବ୍ଦାବଳୀ'' ଯଥା ହାଲ୍ଲେଲୁୟା, ପରିତ୍ରାଣ, ଆମେନ୍ ଇତ୍ୟାଦି ।

୧୦. ସର୍ବଶେଷରେ, ଯେତେ ଜଣଙ୍କୁ ପାରିବେ ଆପଣଙ୍କ ସାକ୍ଷ୍ୟ ଶୁଣାନ୍ତୁ, ବାରମ୍ୱାର ଶୁଣାନ୍ତୁ, କାରଣ ଏହା ଆପଣଙ୍କ ଖ୍ରୀଷ୍ଟିୟ ଜୀବନକୁ ସୁଦୃଢ଼ କରିବା ସଙ୍ଗେ ସଙ୍ଗେ ଅନେକଙ୍କୁ ଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ ହେବାରେ ସାହାଯ୍ୟ କରିବ ।


# ସାକ୍ଷ୍ୟ ଫର୍ମ୍ମ

୧. ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ପୂର୍ବେ ମୁଁ କିପରି ଥିଲି :

୨. ଖ୍ରୀଷ୍ଟଙ୍କୁ ମୁଁ କିପରି ଗ୍ରହଣ କଲି :

୩. ଖ୍ରୀଷ୍ଟଙ୍କୁ ଗ୍ରହଣ କରିବାପରେ ଈଶ୍ୱର ମୋ ଜୀବନରେ କ'ଣ ସବୁ ପରିବର୍ତ୍ତନ ଆଣିଦେଲେ :

୪. ଧର୍ମଶାସ୍ତ୍ର ର କେତୋଟି ସମୁଚିତ ପଦ :



# ଲକ୍ଷ୍ୟ ଧାର୍ଯ୍ୟ କରିବା

୧. ଯୀଶୁ କହିଲେ, ''ସମୁଦାୟ ଜଗତକୁ **ଯାଇ''**..... (ମାର୍କ ୧୬:୧୫) ଏବଂ ''**ଯାଇ**..... ଶିଷ୍ୟ କର....'' (ମାଥିଉ ୨୮:୨୯)

୨. ମୋର ଜଗତ କେଉଁଠି ଅଛି ?

- ମୋ ଘର/ପରିବାର
- ମୋ ସାହିପଡ଼ିଶା
- ମୋ କାର୍ଯ୍ୟସ୍ଥଳ
- ମୋ ବନ୍ଧୁବର୍ଗ
- ମୋ ବିଦ୍ୟାଳୟ
- ମୋ ଖେଳପଡ଼ିଆ (କ୍ରିକେଟ୍/ଭଲିବଲ୍)
- ମୋ ପ୍ରିୟ ଭୋଜନାଳୟ
- ମୋ ଭଣ୍ଡାରୀ/ସୌନ୍ଦର୍ଯ୍ୟ ବିଶେଷଜ୍ଞ
- ମୋ ବ୍ୟାୟାମଶାଳା/କ୍ରିଡ଼ା ସଙ୍ଘ
- ସାଧାରଣତଃ ମୁଁ, ଯେଉଁଠାରେ ବାସ କରେ, କାମ କରେ, ଖେଳେ

୩. ଯଦି ମୁଁ ମାଛ ଧରିବାକୁ ଚାହେଁ, ତେବେ ମୋତେ ମାଛ ଥିବା ସ୍ଥାନକୁ ଯିବାକୁ ପଡ଼ିବ !

୪. ଯଦି ମୁଁ ମନୁଷ୍ୟ ଧରିବାକୁ ଚାହେଁ, ତେବେ ମନୁଷ୍ୟ ରହୁଥିବା ସ୍ଥାନକୁ ଯିବାକୁ ପଡ଼ିବ !

୫. କେଉଁ କେଉଁ ଉପାୟ ବା କାର୍ଯ୍ୟଦ୍ୱାରା ଆମେ ଲୋକମାନଙ୍କୁ ଆମର ଲକ୍ଷ୍ୟଭୁକ୍ତ କରିପାରିବା ?

- ବନ୍ଧୁତ୍ୱ ସ୍ଥାପନ
- ଜଳଖିଆ/ମଧ୍ୟାହ୍ନ ଭୋଜନକୁ ନିମନ୍ତ୍ରଣ କରିବା
- ରାତ୍ର ଭୋଜନକୁ ପତିପତ୍ନି ଉଭୟଙ୍କୁ ନିମନ୍ତ୍ରଣ କରିବା
- କ୍ରିଡ଼ାରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିବା
- ଯୀଶୁଙ୍କ ଚଳଚିତ୍ର ଦେଖିବାପାଇଁ ଦେବା
- ବ୍ୟକ୍ତିଗତ ଚିଠି ପତ୍ର ଆଦାନ ପ୍ରଦାନ କରିବା
- ସୁସମାଚାର ସଭାରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରିବା
- ଗୃହ/କାର୍ଯ୍ୟକ୍ଷେତ୍ର/ଡାକ୍ତରଖାନା/କାରାଗାର ଇତ୍ୟାଦିକୁ ବ୍ୟକ୍ତିଗତ ପରିଦର୍ଶନ କରିବା ।

୬. ଏହିପରି ତିନି ଜଣ ବ୍ୟକ୍ତିଙ୍କ ନାମ ତାଲିକାଭୁକ୍ତ କରନ୍ତୁ ଯେଉଁମାନଙ୍କ ପାଇଁ ଆପଣ ପ୍ରାର୍ଥନା କରିବା ଆରମ୍ଭ କରିବେ. ଯୀଶୁଖ୍ରୀଷ୍ଟଙ୍କ ବିଷୟ କହିପାରିବେ ବା ଶିଷ୍ୟ କରିପାରିବେ:

କ. ______________________________

ଖ. ______________________________

ଗ. ______________________________

# ସୁସମାଚାର ପ୍ରଚାର ଦ୍ୱାରା ପରିବର୍ତ୍ତନ

୧. ଖ୍ରୀଷ୍ଟିୟାନମାନେ ଅନ୍ୟମାନଙ୍କ ସହିତ ଯୀଶୁଙ୍କ ବିଷୟ ନ ବାଣ୍ଟିବାର ଗୋଟିଏ ମୁଖ୍ୟ କାରଣ ହେଉଛି, ସେମାନେ କିପରି କଥାବାର୍ତ୍ତା ଆରମ୍ଭ କରିବେ ତାହା ଜାଣି ନ ଥାଆନ୍ତି ।

୨. ଈଶ୍ୱରଙ୍କ ବାକ୍ୟ ଆମକୁ ପ୍ରସ୍ତୁତ ରହିବାକୁ କହିଥାଏ !

୧ମ ପିତର ୩:୧୫ – ''ପ୍ରତ୍ୟୁତ୍ତର ଦେବାକୁ ପ୍ରସ୍ତୁତ ରୁହ''

୨ ତିମଥି ୪:୨ – ''..... ସମୟରେ କି ଅସମୟରେ ବାକ୍ୟପ୍ରଚାର କରିବାକୁ ଉଦ୍‌ଯୋଗୀ ହୁଅ''

୨ ତିମଥି ୨:୧୫ – ''..... ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର''

୩. ''ଅବସ୍ଥା ପରିବର୍ତ୍ତନ'' ଏପରି ଏକ ମାଧମ ଯାହା ପ୍ରାକୃତିକ ଅବସ୍ଥାରୁ ଆଧାତ୍ମିକ ଅବସ୍ଥାକୁ ନେଇ ପହଞ୍ଚାଇଥାଏ ।

୪. ଅବସ୍ଥାନ୍ତର ଦୁଇ ପ୍ରକାରର :

କ) **ଅନ୍ୟମାନେ** ଆମପ୍ରତି କରୁଥିବା ସମାଲୋଚନା ଓ ପ୍ରଶ୍ନଗୁଡ଼ିକୁ ଶୁଣିବା ପାଇଁ ଆମ୍ଭମାନଙ୍କର ଆତ୍ମିକ କର୍ଣ୍ଣ ଖୋଲା ରଖୁ । (୧ମ ପିତର ୩:୧୫)

ଖ) ଏକ ଲବଣାକ୍ତ ବକ୍ତବ୍ୟ, କିମ୍ବା ପ୍ରଶ୍ନ ସହିତ ଆପଣଙ୍କର ବାର୍ତ୍ତାଳାପ ଆରମ୍ଭ କରନ୍ତୁ । *ଉଦାହରଣ ସ୍ୱରୂପ :* ଯେପରି ଯୀଶୁ ଯୋହନ ୪:୭–୧୦ ରେ କହିଥିଲେ । ଲକ୍ଷ୍ୟ କରନ୍ତୁ, ଯୀଶୁ **''ଜୀବନ୍ତ ଜଳ''** ବୋଲି ଏକ ଶବ୍ଦ ବ୍ୟବହାର କରିଛନ୍ତି ସ୍ତ୍ରୀ ଲୋକଟିର ଆଗ୍ରହ ସୃଷ୍ଟି କରିବା ପାଇଁ ।

*ଟିପ୍ପଣୀ : ନିଜ ସହିତ ସବୁବେଳେ ଏକ ସୁସମାଚାର ପତ୍ରିକା ରଖନ୍ତୁ, ଯେଉଁଥିରୁ ଆପଣ କିଛି କହିପାରିବେ ।*

୫. ଆସନ୍ତୁ ଦେଖିବା କେତେକ ମନ୍ତବ୍ୟ ଓ ପ୍ରଶ୍ନ ଯାହା **ଅନ୍ୟମାନେ ଆପଣଙ୍କୁ ପଚାରିଥାନ୍ତି:**

(ଆପଣଙ୍କର ଉତ୍ତରକୁ ଗାଢ଼ ରଙ୍ଗ କରାଯାଇଛି)

- ଆପଣ କିପରି ଅଛନ୍ତି ? **୯୨% । ଆଶିର୍ବାଦ ପ୍ରାପ୍ତ । ଆନନ୍ଦିତ ।**
- ଆପଣ କ'ଣ କରନ୍ତି ? **ମୁଁ ଜଣେ ରାଜଦୂତ । ମୁଁ ଜଣେ ଧୀବର ।**
- କିଛି ନୂଆଁ ଖବର ? **ଅନେକ ଉତ୍ତମ ବିଷୟ... ନୂଆଁ ଜନ୍ମ... ମୁଁ ନୂତନ ଜୀବନ ପାଇଲି...**
- ଆଉ କିଛି ? **ସ୍ୱର୍ଗ, ଯେଉଁଠାକୁ ମୁଁ ଆଗାମୀ ଦିନମାନଙ୍କରେ ଯାଉଅଛି**
- ଆପଣ ସବୁବେଳେ ହତୋସାହ/ଆନନ୍ଦିତ ଦେଖାଯାଉଛନ୍ତି, ଇତ୍ୟାଦି...
  **ହଁ, କାରଣ ଏକ ବିଶେଷ ରହସ୍ୟ ମୋ ପାଖରେ ଅଛି/ ମୁଁ ଜଣେ ବିଶେଷ ବ୍ୟକ୍ତିଙ୍କୁ ଜାଣେ ।**
- ମୁଁ ଜଣେ ବନ୍ଧୁଙ୍କ ଅନ୍ତିମ କ୍ରିୟା ସମାପ୍ତ କରି ଆସିଲି । **ମୃତ୍ୟୁ ଅନେକଙ୍କ ଦୁଃଖର କାରଣ ହୋଇଥାଏ । କିନ୍ତୁ କିଛି ବର୍ଷ ତଳେ ମୋ ଜୀବନରେ ଏମିତି କିଛି ଘଟଣା ଘଟିଛି ଯାହା ମୋତେ ପ୍ରକୃତରେ ସାହାଯ୍ୟ କରିଛି ।**
- ମୁଁ ଗତ _______ ବର୍ଷରୁ ବିବାହ କରିଛି । **ଏ'ତ ବହୁତ ଖୁସିର କଥା । ବିବାହ ଆମ ଜୀବନର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ଅଟେ ।**
- ଆମ ଜଗତ ଭାଙ୍ଗି ପଡୁଛି (ବା ଅନ୍ୟାନ୍ୟ ନାସ୍ତିବାଚକ ମନ୍ତବ୍ୟ) । **ହଁ, ଏହା ସତ । କିନ୍ତୁ କିଛି ବର୍ଷ ପୂର୍ବେ ମୋ ଜୀବନରେ ଏମିତି କିଛି ଘଟିଥିଲା, ଯାହା ଭବିଷ୍ୟତର ସମ୍ମୁଖୀନ ହେବାରେ ମୋତେ ସୁରକ୍ଷା ପ୍ରଦାନ କରିଛି...**
- ଆଜିକାଲି କିଛି ମାଗଣାରେ ମିଳେ ନାହିଁ । **ହଁ, ମିଳେ । ଜଗତର ସର୍ବଶ୍ରେଷ୍ଠ ଉପହାର ମାଗଣାରେ ମିଳେ... ଏହା ବାଇବଲର ରୋମୀୟ ୬:୨୩ ରେ ଦେଖିବାକୁ ମିଳେ ।**
- ମୋ ପାଇଁ ଏହା ଏକ ମହାଦିନ । **ବହୁତ ଭଲ । ମୋ ପାଇଁ ସବୁ ଦିନ ମହାଦିନ ଅଟେ । କାରଣ ମୁଁ ଜଣେ ବିଶେଷ ବ୍ୟକ୍ତିଙ୍କୁ ଜାଣିଛି/ମୋର ଏକ ବିଶେଷ ଗୁପ୍ତ ବିଷୟ ରହିଛି ।**
- ଏହି ଦିନଟି ମୋ ପାଇଁ ଖୁବ୍ ନିରସଜନକ । **ନିରସ ଜୀବନରେ ସତେଜତା ଆଣିବାପାଇଁ ମୋର ଏକ ଗୁପ୍ତ ରହସ୍ୟ ଅଛି...**
- ଓଃ ! ଏହି ପାଣି ଗରମ ଅଛି । **ହଁ ସତ କଥା, କିନ୍ତୁ ମୁଁ ସ୍ୱର୍ଗକୁ ଯାଉଛି ବୋଲି ଜାଣି ଖୁବ୍ ଆନନ୍ଦିତ ।**

୬. ଏକ **ଲବଣାକ୍ତ ବକ୍ତବ୍ୟ** ବା **ପ୍ରଶ୍ନ** ସହିତ ମୁଁ ମୋର ବାର୍ତ୍ତାଳାପ **ଆରମ୍ଭ କରିଥାଏଁ :**

- ଯେତେବେଳେ ମୁଁ ମୋର ସ୍ତ୍ରୀଙ୍କୁ ବିବାହ ପ୍ରସ୍ତାବ ଦେଇଥିଲି, ତାହା ଥିଲା ମୋ ଜୀବନର **ଦ୍ୱିତୀୟ** ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି।
- ________ବର୍ଷ ପୂର୍ବେ ମୁଁ ମୋର ଜୀବନର **ସବୁଠାରୁ ଗୁରୁତ୍ୱପୂର୍ଣ୍ଣ** ବିଷୟ ଉଦ୍ଭାବନ କଲି/ନିଷ୍ପତ୍ତି ନେଲି ।
- ________ବର୍ଷ ପୂର୍ବେ ମୁଁ ମୃତ୍ୟୁକୁ ଖୁବ୍ ଭୟ କରୁଥିଲି, କିନ୍ତୁ ତା'ପରେ **କିଛି ଆଶ୍ଚର୍ଯ୍ୟ ଘଟଣା** ମୋ ମନୋଭାବକୁ ବଦଳାଇଦେଲା ।
- ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି କାରଣ ମୋ ଜୀବନର ପ୍ରକୃତ **ସଫଳତା/ଗୁରୁତ୍ୱ**କୁ ମୁଁ ଆବିଷ୍କାର କରିପାରିଛି ।
- ଆପଣଙ୍କ ଜୀବନର **ସବୁଠାରୁ ଗୁରୁତ୍ତ୍ୱପୂର୍ଣ୍ଣ ବିଷୟ** କ'ଣ ?
- ଆପଣଙ୍କ ଜୀବନର **ସର୍ବପ୍ରଥମ ଲକ୍ଷ୍ୟ** କ'ଣ ?
- ଆପଣ ବର୍ତ୍ତମାନ କେଉଁ **ମହାନ୍ ଆହ୍ୱାନ**ର ସମ୍ମୁଖୀନ ହେଉଛନ୍ତି ?
- ଆପଣଙ୍କ ଜୀବନରେ ବର୍ତ୍ତମାନ ଘଟୁଥିବା **ସବୁଠାରୁ ମହତ୍ତ୍ୱପୂର୍ଣ୍ଣ** ବିଷୟ କ'ଣ ?
- **ଆପଣଙ୍କର ଆଧ୍ୟାତ୍ମିକ ଜୀବନ ଯାତ୍ରା**ରେ ଆପଣ କେଉଁଠାରେ ଅଛନ୍ତି ?
- ମୁଁ ଆପଣଙ୍କ ସହିତ **କିଛି ଉତ୍ତମ ବିଷୟ** ବାଣ୍ଟିପାରେ କି ?
- ଆପଣ କେବେ **''ଚାରୋଟି ଆଧ୍ୟାତ୍ମିକ ନିୟମ''** ବିଷୟରେ ଶୁଣିଛନ୍ତି କି ?
- ଯଦି ଆପଣଙ୍କୁ କେହି ପ୍ରଶ୍ନ କରେ, **''ଖ୍ରୀଷ୍ଟିୟାନ ହେବାର ଅର୍ଥ କ'ଣ ?''** ତେବେ ଆପଣ କ'ଣ କହିବେ ?
- ଆପଣଙ୍କ ମତରେ, **ଜଣେ ମନୁଷ୍ୟ କିପରି ଖ୍ରୀଷ୍ଟିୟାନ ହୋଇଥାଏ** ?
- **ଯଦି ଆପଣ ଈଶ୍ୱରଙ୍କୁ ବ୍ୟକ୍ତିଗତ ଭାବରେ ଜାଣିପାରିଲେ** , ତେବେ ତାଙ୍କ ସହିତ କିପରି ସମ୍ପର୍କ ରଖିବାକୁ ହୁଏ, ତାହା କ'ଣ ଆପଣ ଜାଣିବାକୁ ଆଗ୍ରହୀ ?
- ଯଦି କେହି ଆପଣଙ୍କୁ ପ୍ରଶ୍ନ କରେ, **''ମୁଁ କିପରି ଈଶ୍ୱରଙ୍କ ସନ୍ଧାନ ପାଇବି ?** ଆପଣ ସେମାନଙ୍କୁ କ'ଣ କହିବେ ?
- **ଯଦି ସ୍ୱର୍ଗ ପ୍ରକୃତରେ ଅଛି**, ତେବେ ଆପଣ ମୃତ୍ୟୁ ପରେ ସେଠାକୁ ଯିବାକୁ ଚାହାଁନ୍ତି କି ? କିପରି ଯାଇପାରିବେ ଜାଣିବାକୁ ଚାହାନ୍ତି କି ?
- ଯଦି ଆଜି ରାତ୍ରିରେ ଆପଣ ମୃତ୍ୟୁବରଣ କରି ଈଶ୍ୱରଙ୍କ ସମ୍ମୁଖରେ ଛିଡ଼ା ହୁଅନ୍ତି ଓ ସେ ଆପଣଙ୍କୁ ପଚାରନ୍ତି **''ତୁମ୍ଭକୁ ମୁଁ କାହିଁକି ସ୍ୱର୍ଗରେ ପ୍ରବେଶ କରିବାକୁ ଦେବି ?''** ତେବେ ଆପଣ କ'ଣ ଉତ୍ତର ଦେବେ ?
- ଯଦି **ପାପକ୍ଷମା ଓ ଅନନ୍ତଜୀବନର ଭରସାର ନିଶ୍ଚିତତା**କୁ ୧ ରୁ ୧୦ ପର୍ଯ୍ୟନ୍ତ ସଂଖ୍ୟା ଥିବା ଏକ ସ୍କେଲ୍ ଧରାଯାଏ (୧୦ କୁ ୧୦୦ ଧରିନେଲେ), ଆପଣ ନିଜକୁ ଏହି ସ୍କେଲ୍ ର କେଉଁ ସ୍ଥାନରେ ରଖିବେ ? ଆପଣ ୧୦ ନମ୍ବରରେ ରହିବାକୁ ଚାହିଁବେ କି ?
- ଆଜିର ମନୁଷ୍ୟ ଯେଉଁ ପ୍ରକାରେ **ଆଧ୍ୟାତ୍ମିକ ନେତୃତ୍ୱ** ନେବା ଆବଶ୍ୟକ ସେହିପରି ନେତୃତ୍ୱ ନେଉଛନ୍ତି କି ?

# ଶିଷ୍ୟ କରିବା



ଯୀଶୁ କହିଲେ, ''ଯାଅ ଓ ସମସ୍ତ ଜାତିର ଲୋକଙ୍କୁ ... ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ (ଏକ ପରିପକ୍ୱ ଓ ଶୃଙ୍ଖଳିତ ଖ୍ରୀଷ୍ଟିୟାନ) କର ।'' (ମାଥିଉ ୨୮:୧୯-୨୦)

ନିମ୍ନରେ ପ୍ରଦତ୍ତ ବିଷୟଗୁଡ଼ିକ ତାହାଙ୍କ ଆଦେଶ ପୁରା କରିବା ଦିଗରେ ଆପଣଙ୍କ ସହାୟକ ହେବାପାଇଁ ପରିକଳ୍ପିତ :-

୧. ନିଜକୁ (ନିଜ ସମୟ, ସାମର୍ଥ୍ୟ ଓ ବହୁମୂଲ୍ୟ ସମ୍ପଦ) ପ୍ରଭୁଙ୍କ ନିମନ୍ତେ ସୁଲଭ୍ୟ ରଖନ୍ତୁ (ରୋମୀୟ ୧୨:୧-୨) ।

୨. ଆପଣଙ୍କ ଜୀବନକୁ ପୂର୍ଣ୍ଣ ଓ ନିୟନ୍ତ୍ରଣ କରିବାପାଇଁ ଈଶ୍ୱରଙ୍କ ଆତ୍ମାଙ୍କୁ ସୁଯୋଗ ଦିଅନ୍ତୁ । (ପ୍ରେରିତ ୧:୮, ଏଫିସୀୟ ୫:୧୮) ।

୩. ଈଶ୍ୱରଙ୍କ ବାକ୍ୟ ସହିତ ନିଜକୁ ପ୍ରସ୍ତୁତ କରନ୍ତୁ । (୨ ତିମଥୀ ୨:୧୫, ୩:୧୬-୧୭) ।

୪. ଆପଣଙ୍କ ଶିଷ୍ୟମାନଙ୍କ ସହିତ ଏକ ପ୍ରାରମ୍ଭିକ ବୈଠକ କରନ୍ତୁ, ଯେଉଁଠାରେ ବିଭିନ୍ନ ଦାୟିତ୍ୱ ବିଷୟକ ଚର୍ଚ୍ଚା, ଆବଶ୍ୟକୀୟ ସାମଗ୍ରୀର ସମୀକ୍ଷା ତଥା ପୁଣିଥରେ ଭେଟିବାର ସମୟ ଓ ସ୍ଥାନ ଧାର୍ଯ୍ୟ କରବା ବିଷୟରେ ଆଲୋଚନା କରାଯାଇପାରେ । ସାଧାରଣଭାବେ ସପ୍ତାହରେ ଥରେ ପ୍ରାୟ ଦେଢ଼ ଘଣ୍ଟା ସମୟ ଦିଆଗଲେ ଖୁବ୍ ଭଲ ।

୫. ପ୍ରଥମ ବୈଠକରେ 'ଶିଷ୍ୟତ୍ୱର ଦ୍ୱିମୁଖୀ ଲକ୍ଷ୍ୟ' ବିଷୟରେ ବ୍ୟାଖ୍ୟା କରନ୍ତୁ । ଏହାସହିତ ନିମ୍ନୋକ୍ତ ପଦଗୁଡ଼ିକ ମଧ ମନେରଖିବାକୁ କୁହନ୍ତୁ :

କ) ଆତ୍ମିକ ବୃଦ୍ଧି ଓ ପୂର୍ଣ୍ଣବିକାଶ (କଲସୀୟ ୨:୬-୭)

ଖ) ଆତ୍ମିକ ବହୁବୃଦ୍ଧିକରଣ (୨ ତିମଥୀ ୨:୨)

୬. ସହଭାଗୀତା ଏବଂ ଆଲୋଚନା ସମୟରେ, ଯୀଶୁ ଖ୍ରୀଷ୍ଟଙ୍କୁ ସର୍ବଦା ଶ୍ରେଷ୍ଠ ସ୍ଥାନ ଦେବାକୁ ଭୁଲନ୍ତୁ ନାହିଁ ।

୭. ଅନ୍ୟମାନଙ୍କ ସୁଖଦୁଃଖରେ ସାମିଲ ହେବା ଓ ସେମାନଙ୍କ ପାଇଁ ଉପଲବ୍ଧ ହେବା ନିମନ୍ତେ ପ୍ରସ୍ତୁତ ରୁହନ୍ତୁ । (୧ମ ଥେସଲନୀକୀୟ ୨:୭-୧୨, କଲସୀୟ ୧:୨୮-୨୯)

୮. ଯେଉଁମାନଙ୍କୁ ଶିଷ୍ୟ କରିଛନ୍ତି ସେମାନଙ୍କ ସହିତ ବିଶୁଦ୍ଧ ବନ୍ଧୁତ୍ୱ ସ୍ଥାପନ କରନ୍ତୁ (ଦୂରଭାଷରେ ବାର୍ତ୍ତାଳାପ, ରାତ୍ରଭୋଜନ, ଅନ୍ୟ କୌଣସି ସହଭାଗିତା ବା କାର୍ଯ୍ୟକ୍ରମ ପାଇଁ ନିମନ୍ତ୍ରଣ କରନ୍ତୁ ତଥା ସେମାନଙ୍କ ରୁଚି ପ୍ରତି ଆଗ୍ରହୀ ରୁହନ୍ତୁ) । ମନେରଖନ୍ତୁ, ସନ୍ତୁଷ୍ଟିକରଣ ଅପେକ୍ଷା ସମ୍ପର୍କ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

୯. ଆପଣ ନିଶ୍ଚିତ ଭାବରେ ଜାଣିବା ଉଚିତ୍ ଯେ ଆପଣଙ୍କ ଶିଷ୍ୟ/ଶିଷ୍ୟାମାନଙ୍କ ପାଖରେ ନୂତନ ନିୟମ କିମ୍ବା ବାଇବଲର ଆଧୁନିକ ଅନୁବାଦ ଅଛି । ପ୍ରଥମେ ଯୋହନ ଲିଖିତ ସୁସମାଚାର (ତିନି ଥର) ପଢ଼ିବାପାଇଁ ଓ ତା'ପରେ ସମଗ୍ର ନୂତନ ନିୟମ (ତିନି ଥର) ପଢ଼ିବାପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ ।

୧୦. ଜୀବନ ଗଠନର ଚାରି-ଭାଗ ଉପରେ ଆଧାରିତ ଶିକ୍ଷା ବା ଅନ୍ୟାନ୍ୟ ବାଇବଲ ତତ୍ତ୍ୱ ସମ୍ବଳିତ ପୁସ୍ତକ ମାଧ୍ୟମରେ ସେମାନଙ୍କୁ ଶିକ୍ଷିତ ଓ ଉତ୍ସାହିତ କରାନ୍ତୁ ।

୧୧. ଶାସ୍ତ୍ରସମ୍ବଳିତ ଅନନ୍ତ ଜୀବନର ଭରସା ଏବଂ ଖ୍ରୀଷ୍ଟଙ୍କ ସହିତ ବ୍ୟକ୍ତିଗତ ସମ୍ପର୍କ ର ସମୀକ୍ଷା କରନ୍ତୁ । (୧ମ ଯୋହନ ୫:୧୧–୧୩, ଯୋହନ ୧:୧୨)

୧୨. ଆତ୍ମିକ ବୃଦ୍ଧି ପାଇଁ ''ଚାରୋଟି କଥା'' ର ସମୀକ୍ଷା କରନ୍ତୁ ଏବଂ ଅପର ପୃଷ୍ଠାରେ ଦିଆଯାଇଥିବା ସମ୍ପୂର୍ଣ୍ଣ ଚକ୍ର କୁ ନିମ୍ନୋକ୍ତ ପଦଗୁଡ଼ିକ ସହିତ ମନେରଖିବାକୁ କୁହନ୍ତୁ ।

କ) ପ୍ରାର୍ଥନା ଓ ପ୍ରଶଂସା ଦ୍ୱାରା ମୁଁ ଈଶ୍ୱରଙ୍କ ସହିତ କଥା କହେଁ (ଫିଲିପୀୟ ୪:୬–୭, ଏବ୍ରୀ ୧୩:୧୫) ।

ଖ) ଈଶ୍ୱର ତାଙ୍କ ବାକ୍ୟ ଦ୍ୱାରା ମୋ ସହିତ କଥା କହନ୍ତି (୨ ତିମଥୀ ୨:୧୫, ୧ ପିତର ୨:୨) ।

ଗ) ସହଭାଗିତା ଦ୍ୱାରା ମୁଁ ଅନ୍ୟ ଖ୍ରୀଷ୍ଟବିଶ୍ୱାସୀମାନଙ୍କ ସହିତ କଥା କହେଁ (୧ ଯୋହନ ୧:୩, ଏବ୍ରୀ ୧୦:୨୪–୨୫) ।

ଘ) ସାକ୍ଷ୍ୟ ଦ୍ୱାରା ମୁଁ ଅଣଖ୍ରୀଷ୍ଟିୟାନ ବା ଅବିଶ୍ୱାସୀମାନଙ୍କ ସହିତ କଥା କହେଁ (ପ୍ରେରିତ ୧:୮, ମାଥିଉ ୨୮:୧୯–୨୦) ।

୧୩. ଆତ୍ମିକ ଜୀବନର ଗଠନରେ ସହାୟକ ପୁସ୍ତିକାଗୁଡ଼ିକ ମଧ୍ୟରୁ ଗୋଟିଏ (''**ପୂର୍ବ ନିରୂପଣ**'' କିମ୍ବା ''**ପ୍ରକୃତ ବିଶ୍ୱାସ**'') ଅଥବା ଅନ୍ୟ କିଛି ବାଇବଲ ଅଧ୍ୟୟନ ପୁସ୍ତିକା ବ୍ୟବହାର କରି ସେମାନଙ୍କୁ କଢ଼ାଇ ନିଅନ୍ତୁ ।

୧୪. ସେମାନଙ୍କୁ ଖ୍ରୀଷ୍ଟ କୈନ୍ଦ୍ରିକ ପୁସ୍ତକ/ପୁସ୍ତିକା ଅଧ୍ୟୟନ କରିବାକୁ ଦିଅନ୍ତୁ । (ବାଇବଲ ଅଧ୍ୟୟନ ସାଥୀ, ପୁସ୍ତକ, ଭିଡ଼ିଓ, ସିଡ଼ି ଇତ୍ୟାଦି) ।

୧୫. ଈଶ୍ୱରଙ୍କ ବାକ୍ୟ ମନେ ରଖିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ । (ଗୀତସଂହିତା ୧୧୯:୯–୧୧)

୧୬. ସେମାନଙ୍କ ସହିତ ଓ ସେମାନଙ୍କ (ପାରିବାରିକ ଆବଶ୍ୟକତା, କାର୍ଯ୍ୟ, ସେବା, ଆର୍ଥିକ ପରିସ୍ଥିତି ଇତ୍ୟାଦି) ପାଇଁ ପ୍ରାର୍ଥନା କରନ୍ତୁ ଯେପରି ସେମାନେ ପବିତ୍ର ଆତ୍ମାଙ୍କ ପୂର୍ଣ୍ଣତା ଓ ଚାଳନା ପାଇପାରିବେ ।

୧୭. ଖ୍ରୀଷ୍ଟଙ୍କ ବିଷୟରେ ଅନ୍ୟମାନଙ୍କୁ କହିବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ । (ଲୂକ ୮:୩୯)

କ) ବ୍ୟକ୍ତିଗତ ସାକ୍ଷ୍ୟ କିପରି ପ୍ରସ୍ତୁତ ଓ ଉପସ୍ଥାପନା କରାଯାଏ ତାହା ଶିକ୍ଷା ଦିଅନ୍ତୁ (୫/୬ ପୃଷ୍ଠାରେ ଥିବା ସାକ୍ଷ୍ୟ ଫର୍ଦ୍ଦ ବ୍ୟବହାର କରନ୍ତୁ) ।

ଖ) ''ଚାରୋଟି ଆଧ୍ୟାତ୍ମିକ ନିୟମ'' ବିଷୟରେ ଅନ୍ୟମାନଙ୍କୁ କହିବାପାଇଁ ସେମାନଙ୍କୁ ଶିକ୍ଷା ଦିଅନ୍ତୁ ।

ଗ) ଏହି ଶିଷ୍ୟତ୍ୱ ଫର୍ଦ୍ଦକୁ ସେମାନେ ନିଜ ନିଜର ଶିଷ୍ୟମାନଙ୍କ ନିକଟରେ କିପରି ବ୍ୟବହାର କରିବେ ତାହା ଶିକ୍ଷା ଦିଅନ୍ତୁ ।


୧୮. ସେମାନଙ୍କୁ ମାଣ୍ଡଳୀକ ଉପାସନା, ବାଇବଲ ଶିକ୍ଷା, ସହଭାଗିତା ବା କୌଣସି ଶିଷ୍ୟଦଳକୁ ନେଇ ଆସନ୍ତୁ ।

୧୯. ଯଦି ସମ୍ଭବ ହୁଏ, ସେମାନଙ୍କୁ ଏକ ସ୍ଥାନୀୟ ବା ଆନ୍ତର୍ଦେଶୀୟ ସେବାକାର୍ଯ୍ୟ କିମ୍ବା ଅନ୍ୟକୌଣସି ଖ୍ରୀଷ୍ଟିୟ ସେବାକାର୍ଯ୍ୟରେ ସଂପୃକ୍ତ କରନ୍ତୁ ।

୨୦. ଶେଷରେ, ଏକତ୍ର ସହଭାଗିତାରେ ସ୍ୱାମୀ–ସ୍ତ୍ରୀ ସମ୍ପର୍କ, ସନ୍ତାନସନ୍ତତିଙ୍କ ଲାଳନପାଳନ, ଆଜ୍ଞାବହତା, ଅର୍ଥବ୍ୟବସ୍ଥା, ଚରିତ୍ର, ଗୁଣ ଇତ୍ୟାଦି ବିଷୟରେ ଈଶ୍ୱରଙ୍କ ବାକ୍ୟ ମିଳିମିଶି ଅଧ୍ୟୟନ କରିବା ଜାରିରଖନ୍ତୁ ।

# ଆଧ୍ୟାତ୍ମିକ ବୃଦ୍ଧି ପାଇଁ

# ‘‘ଚାରୋଟି କଥା’’





# ଈଶ୍ୱରଙ୍କ ବାକ୍ୟକୁ କିପରି ପ୍ରଭାବଶାଳୀଭାବେ ଶିକ୍ଷା ଦେବେ

୧. ଈଶ୍ୱରଙ୍କଦ୍ୱାରା ବ୍ୟବହୃତ ହେବା ପାଇଁ ପ୍ରସ୍ତୁତ ରହନ୍ତୁ ଏବଂ ପବିତ୍ର ଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ଓ ପରିଚାଳିତ ହେବାପାଇଁ ପ୍ରାର୍ଥନା କରନ୍ତୁ । (ରୋମୀୟ ୧୨:୧, ଏଫିସୀୟ ୫:୧୮)

୨. ଶ୍ରୋତାମାନଙ୍କ ନିମନ୍ତେ ପୁଣି ସେମାନଙ୍କର ଆବଶ୍ୟକତା ଓ ଆତ୍ମିକ ସ୍ତରକୁ ବୁଝିବାପାଇଁ ଈଶ୍ୱର ଯେପରି ସାହାଯ୍ୟ କରନ୍ତି ସେଥିନିମନ୍ତେ ପ୍ରାର୍ଥନା କରନ୍ତୁ । ପରିଚାଳକଙ୍କ ଠାରୁ ଦଳର ଆତ୍ମିକ ପରିପକ୍ୱତା ବିଷୟରେ ପଚାରି ବୁଝିନେଇ ପାରନ୍ତି । ନିଜକୁ ପଚାରନ୍ତୁ, ''ଯଦି ମୋହର ଶିକ୍ଷା ୧୦୦% ଫଳପ୍ରଦ ହୁଏ, ତେବେ ମୋ' ଶ୍ରୋତାମାନେ କ'ଣ କରନ୍ତୁ, କ'ଣ ଭାବନ୍ତୁ ବା କ'ଣ ଅନୁଭବ କରନ୍ତୁ ବୋଲି ମୁଁ ଚାହୁଁଛି ?''

୩. ଆପଣଙ୍କୁ କେତେ ସମୟ ଦିଆଯିବ ତାହା ଆଗରୁ ସ୍ଥିର କରନ୍ତୁ ଏବଂ ପ୍ରସ୍ତୁତି ପାଇଁ ଆନୁମାନିକ ''୧ ପାଇଁ ୨'' ହିସାବରେ ପ୍ରାର୍ଥନାସହ ପ୍ରସ୍ତୁତ ହୁଅନ୍ତୁ, ଅର୍ଥାତ୍ ପ୍ରତି ଏକ ଘଣ୍ଟାର ଶିକ୍ଷାପାଇଁ ଦୁଇ ଘଣ୍ଟାର ପ୍ରସ୍ତୁତି ।

୪. ପ୍ରସ୍ତୁତ କରନ୍ତୁ :

କ) ଯେଉଁ ବିଷୟରେ ଆପଣ କହିବାକୁ ଚାହୁଁଛନ୍ତି, ସେହି ପ୍ରସଙ୍ଗ ସମ୍ପର୍କିତ ବାକ୍ୟସମୂହ ।

ଖ) ଆପଣଙ୍କ ପ୍ରସଙ୍ଗକୁ ଭଲ ଭାବରେ ବୁଝାଇବାପାଇଁ କିଛି ଦୃଶ୍ୟ ବା ଚିତ୍ର: ପାୱାର ପଏଣ୍ଟ, ଚାର୍ଟ, ଓଭର୍ ହେଡ୍ ପ୍ରୋଜେକ୍ଟର୍ ଓ ଅଭିନୟ (ମନେ ରଖନ୍ତୁ, ଗୋଟିଏ ଛବି ''ଏକହଜାର କଥା କହିଥାଏ'') ।

ଗ) ପାରସ୍ପରିକ ଆଦାନପ୍ରଦାନ ଦ୍ୱାରା ମୂଳଭାବ ବା ମୁଖ୍ୟ ବିଷୟଗୁଡ଼ିକୁ ଲିପିବଦ୍ଧ କରିବା ପାଇଁ ପ୍ରତ୍ୟେକଙ୍କ ନିମନ୍ତେ ଗୋଟିଏ ଗୋଟିଏ ଫର୍ମ । ଉତ୍ତର କହିବା ପୂର୍ବରୁ, ଶିକ୍ଷାର ମୂଳ ସତ୍ୟଗୁଡ଼ିକୁ ନିଜେ ନିଜେ ଆବିଷ୍କାର କରିବାପାଇଁ ଆପଣଙ୍କ ଶ୍ରୋତାମାନଙ୍କୁ ସୁଯୋଗ ଦିଅନ୍ତୁ । ଯଦି ସମ୍ଭବ ହୁଏ, ତେବେ ସେମାନଙ୍କୁ ୨ ବା ୩ ଜଣିଆ କ୍ଷୁଦ୍ର ଆବିଷ୍କାରକ ଦଳରେ ଭାଗ କରି ଦିଅନ୍ତୁ ।

ଘ) ଦୃଷ୍ଟାନ୍ତ ଦେବା ପାଇଁ ଉତ୍ତମ କାହାଣୀ, ଯାହା ଆପଣଙ୍କ ପ୍ରସଙ୍ଗକୁ ପ୍ରାଞ୍ଜଳ ଭାବରେ ବୁଝାଇପାରିବ । ମନେ ରଖନ୍ତୁ, ଯୀଶୁ ସବୁବେଳେ କାହାଣୀ କହି ଶିକ୍ଷା ଦେଉଥିଲେ । ଲୋକେ କାହାଣୀ ଭଲ ପାଆନ୍ତି ।

ଙ) ଶ୍ରୋତାମାନଙ୍କ ପାଇଁ ପ୍ରସଙ୍ଗ ସମ୍ବଳିତ ଏକ କାର୍ଯ୍ୟ ନିର୍ଘଣ୍ଟ, ଯାହା ସେମାନେ ଦିନେ ଦୁଇ ଦିନ ମଧ୍ୟରେ ସମ୍ପନ୍ନ କରିପାରିବେ । ମନେ ରଖନ୍ତୁ, ଲୋକେ ଶୁଣିଥିବା ବିଷୟକୁ ଯଦି ନିଜ ଜୀବନରେ ନ ଲଗାନ୍ତି, ତେବେ ୨୪ ଘଣ୍ଟା ମଧ୍ୟରେ ତା'ର ୮୦% ଭୁଲିଯାଆନ୍ତି ଓ ବାକି ୨୦%, ୧୦ ଦିନ ମଧ୍ୟରେ ।

୫. ଦଳଟି କ୍ଷୁଦ୍ର ହୋଇଥିଲେ ଶିକ୍ଷା ଦେବା ସମୟରେ ଲୋକଙ୍କର ନାମ ନେଇ କଥା କହନ୍ତୁ, ଅଧିକ ସଂଖ୍ୟକ ଲୋକଥିଲେ ଏକ ଏକ ଦଳକୁ ନାମ ଦେଇ କଥା କହନ୍ତୁ ।

୬. ଆପଣଙ୍କର ମସ୍ତକ ଉଠାଇ ଶ୍ରୋତାମାନଙ୍କ ଆଡ଼କୁ ସିଧା ସଳଖ ଅନାନ୍ତୁ ।

୭. ଯଥାସାଧ୍ୟ ଶ୍ରୋତାମାନଙ୍କ ସମୀପକୁ ଚାଲିଆସନ୍ତୁ । ବଡ଼ ବକ୍ତୃତା ମେଜ ବଦଳରେ ଛୋଟ ମେଜ (ଲେକ୍ଟର୍ଣ୍ଣ) ବ୍ୟବହାର କରନ୍ତୁ ।

୮. ଶିକ୍ଷା ଦେବା ସମୟରେ ବାସ୍ତବଭାବ, ପ୍ରେମ, ଆବେଗ ତଥା ଉତ୍ସାହ ପ୍ରଦର୍ଶନ କରନ୍ତୁ ।

୯. ରୁଚିକର ଓ ଯଥୋଚିତ ପୋଷାକ ପରିଧାନ କରନ୍ତୁ । ଖ୍ରୀଷ୍ଟଙ୍କ ନିମନ୍ତେ ନିଜକୁ, ସର୍ବଦା ଏକ ଉତ୍ତମ ଉପହାର ରୂପେ ଉପସ୍ଥାପନ କରନ୍ତୁ । ପ୍ରତ୍ୟେକ କାର୍ଯ୍ୟକୁ ଉତ୍କର୍ଷତା ସହ କରନ୍ତୁ । (୧ମ କରିନ୍ଥୀୟ ୧୦:୩୧) ।

# କ୍ଷୁଦ୍ର ଦଳ ପ୍ରଶିକ୍ଷଣ



**୧. <u>କିପରି ଆରମ୍ଭ କରିବେ:</u>**

କ) ପ୍ରାର୍ଥନା ସହିତ ଆଗ୍ରହୀ ଖ୍ରୀଷ୍ଟିୟାନମାନଙ୍କୁ (ଅବିଶ୍ୱାସୀମାନଙ୍କୁ ନୁହେଁ) ଚୟନ କରନ୍ତୁ ।

ଖ) ଅତି ବେଶୀରେ ୧୨ ଜଣଙ୍କୁ ନେଇ ଦଳ ଗଢ଼ନ୍ତୁ । କେବଳ ପୁରୁଷ ବା କେବଳ ମହିଳା ଅଥବା ଦମ୍ପତିମାନଙ୍କୁ ନେଇ ଆପଣ ଦଳ ଗଠନ କରିପାରନ୍ତି ।

ଗ) ଏକ ସ୍ଥାନ ନିର୍ଦ୍ଧାରଣ କରନ୍ତୁ, ଗୋଟିଏ ଗୃହ ହେଲେ ଅତି ଭଲ ଏବଂ ଏକ ସମୟ ନିର୍ଦ୍ଦିଷ୍ଟ କରନ୍ତୁ। ସପ୍ତାହରେ ଥରେ ବା ମାସକୁ ୨ ଥର ଦୁଇ ଘଣ୍ଟା ପାଇଁ ମିଳିତ ହେଲେ ଖୁବ୍ ଭଲ ।

ଘ) ଆମନ୍ତ୍ରଣକାରୀ ବା ଆବାହକ ଦମ୍ପତି ଦଳର ନେତୃତ୍ୱ ନେବେ ଓ କିଛି ଜଳଯୋଗ ମଧ୍ୟ ପରିବେଷଣ କରିବେ ।

**୨. <u>କେତୋଟି ମୌଳିକ ନିୟମ :</u>**

କ) ଯୀଶୁଙ୍କୁ ସର୍ବୋତ୍କୃଷ୍ଟ ସ୍ଥାନ ଦିଅନ୍ତୁ ।

ଖ) ବାଇବଲ ଆମର ପାଠ୍ୟ ପୁସ୍ତକ । ସେଥିରୁ ଅର୍ଥପୂର୍ଣ୍ଣ ତଥା ପ୍ରାସଙ୍ଗିକ ଅଂଶଗୁଡ଼ିକୁ ବାଛନ୍ତୁ, ଯାହା ଆପଣ ନିଜର ବ୍ୟକ୍ତିଗତ ଜୀବନରେ ପ୍ରୟୋଗ କରିପାରିବେ । (୪ର୍ଥ ବିନ୍ଦୁ ଦେଖନ୍ତୁ)

ଗ) ଦଳର ନେତା, ଆଲୋଚନାରେ ପ୍ରାଧାନ୍ୟ ବିସ୍ତାର କରିବେ ନାହିଁ, କିନ୍ତୁ ପ୍ରତ୍ୟେକଙ୍କୁ ଅଂଶ ଗ୍ରହଣ କରିବାପାଇଁ ଉତ୍ସାହିତ କରିବେ । ଶୃଙ୍ଖଳିତ ଭାବରେ ସଭାକୁ ଆଗେଇନେବାରେ ସାହାଯ୍ୟ କରିବେ ।

ଘ) ଆଲୋଚନା କରିବାକୁ ଯାଉଥିବା ପ୍ରସଙ୍ଗ ଉପରେ ଦଳର ନେତା ସୁପ୍ରସ୍ତୁତ ଥିବେ ।

ଙ) ଯୋଗ ଦେଉଥିବା ପ୍ରତ୍ୟେକଙ୍କ ନାମ ଉଲ୍ଲେଖ କରି ଆଲୋଚନା କରନ୍ତୁ ।

ଚ) ପବିତ୍ର ଆତ୍ମାଙ୍କ ପ୍ରତି ତଥା ଦଳର ଆବଶ୍ୟକତା ପ୍ରତି ସଚେତନ ରୁହନ୍ତୁ । ସାଧୁତାର ସହିତ, ଖୋଲାଖୋଲି ଭାବରେ, ଏକକୁ ଆରେକ ପ୍ରେମ କରିବାକୁ ଶିଖନ୍ତୁ । ଆବଶ୍ୟକ ସ୍ଥଳେ ପରସ୍ପରର ସାହାଯ୍ୟ କରିବାକୁ ତତ୍ପର ରୁହନ୍ତୁ (ପ୍ରାର୍ଥନା, ମନ୍ତ୍ରଣା, ସାହିତ୍ୟଚର୍ଚ୍ଚା ବା ସୌଭାଗ୍ୟ ଭୋଜନ ଇତ୍ୟାଦି) ।

ଛ) ପରସ୍ପର ସହ ଆଳାପ କଲାପରି ପ୍ରାର୍ଥନା କରିବା ନିମନ୍ତେ ଉତ୍ସାହିତ କରନ୍ତୁ ।

ଜ) ସନ୍ତୁଳନ ରକ୍ଷା କରନ୍ତୁ (ଉପାସନା, ଗାୟନ, ପ୍ରଭୁଙ୍କ ବାକ୍ୟ ଧ୍ୟାନ, ସାକ୍ଷ୍ୟ, ପ୍ରଭୁଭୋଜ, ଆବଶ୍ୟକୀୟ ମନ୍ତ୍ରଣା, ପ୍ରାର୍ଥନାର ସେବା ମଧ୍ୟରେ) ।

**୩. <u>ଆଲୋଚନା ପାଇଁ ସହାୟକ କେତୋଟି ଉପାଦେୟ ବିଷୟ :</u>**

କ) ଆଲୋଚନା କରିବାକୁ ଥିବା ଶାସ୍ତ୍ରାଂଶର ସାମୁହିକ ପଠନ କରନ୍ତୁ ।

ଖ) ନୀରବରେ ଶାସ୍ତ୍ରାଂଶର ପୁନରାବଲୋକନ ପାଇଁ ପ୍ରତ୍ୟେକଙ୍କୁ କିଛି ସମୟ ଦିଅନ୍ତୁ ।

ଗ) ଦୁଇ କିମ୍ବା ତିନି ଜଣିଆ ଦଳ ଗୁଡ଼ିକରେ ପଠିତ ଅଂଶର ଅର୍ଥ ଓ ବିଷୟବସ୍ତୁ, ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକ, ମୂଳ ପ୍ରସଙ୍ଗ ଇତ୍ୟାଦି ବିଷୟରେ ଆଲୋଚନା କରନ୍ତୁ ।

ଘ) ନିର୍ଦ୍ଦିଷ୍ଟ ତଥା ଭାବୋଦ୍ଦୀପକ ପ୍ରଶ୍ନ ପଚାରନ୍ତୁ :

୧. ଏହି ପଦ ବା ଶବ୍ଦ ଆପଣଙ୍କ ପାଇଁ କି ଅର୍ଥ ପ୍ରକାଶ କରେ ?
୨. ଏହାଦ୍ୱାରା ଈଶ୍ୱର କେଉଁ ମୁଖ୍ୟ ବିଷୟ ଆମକୁ ଜଣାଇବାକୁ ଚାହାଁନ୍ତି ?
୩. ଏହି ମନୋଭାବ, ଆଚରଣ ବା ଆବେଗ ସହ ଆପଣଙ୍କ ସମ୍ପର୍କ କ'ଣ ?
୪. ଏହି କ୍ଷେତ୍ରରେ (ନିର୍ଦ୍ଦିଷ୍ଟ ଭାବରେ) ଆପଣଙ୍କର କେତେ ଅଭିଜ୍ଞତା ଅଛି ?
୫. ଏହି କ୍ଷେତ୍ରରେ (ନିର୍ଦ୍ଦିଷ୍ଟ ଭାବରେ) କ'ଣ ସବୁ ଆପଣଙ୍କୁ ସାହାଯ୍ୟ କରିଛି ? (ଉଦାହରଣ ଦିଅନ୍ତୁ)
୬. ମୋ ଜୀବନରେ ଏହାକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାପାଇଁ ମୁଁ କେଉଁ କେଉଁ ଉପାୟ ଅବଲମ୍ବନ କରିପାରିବି ?
୭. ଏହି କ୍ଷେତ୍ରରେ ମୁଁ କ'ଣ ସବୁ ବାଧାବିଘ୍ନର ସମ୍ମୁଖୀନ ହୋଇଛି ଓ ତାହା ଉପରେ ଜୟଲାଭ କରିବା ପାଇଁ ମୁଁ କ'ଣ କରିଛି ?
୮. ଅନ୍ୟ କେଉଁ ବାକ୍ୟାଂଶଗୁଡ଼ିକ ଏହାର ସମ ଭାବ ପ୍ରକାଶ କରିଥାଏ ?
୯. ଏହି ପଦ ବା ବାକ୍ୟାଂଶରେ ଆପଣ କେଉଁ ବିଷୟ ବୁଝିପାରିଲେ ନାହିଁ ?

**୪. <u>କେତୋଟି ପ୍ରସ୍ତାବିତ ବାକ୍ୟାଂଶ :</u>**

କ) ଏଫିସୀୟ ୪:୧-୩
ଖ) ଏଫିସୀୟ ୪:୨୪-୩୨
ଗ) ଏଫିସୀୟ ୫:୧-୧୧
ଘ) ୧ ଥେସଲନୀକୀୟ ୫:୧୪-୨୩
ଙ) କଲସୀୟ ୩:୧୨-୧୭
ଚ) ଫିଲିପୀୟ ୪:୪-୮
ଛ) ରୋମୀୟ ୧୨:୯-୧୭
ଜ) ଏବ୍ରୀ ୧୦:୨୩-୨୫
ଝ) ୨ ପିତର ୧:୩-୮
ଞ) ୧ ପିତର ୫:୧-୯
ଟ) ୨ କରିନ୍ଥୀୟ ୬:୪-୭
ଠ) ଫିଲିପୀୟ ୨:୧-୧୧

# ବାଇବଲ କିପରି ଅଧ୍ୟୟନ କରିବେ



ନିମ୍ନ ତାଲିକାଭୁକ୍ତ ବିଷୟଗୁଡ଼ିକ ଆପଣଙ୍କୁ ଶୃଙ୍ଖଳିତ ଭାବରେ ଈଶ୍ୱରଙ୍କ ବହୁମୂଲ୍ୟ ବାକ୍ୟକୁ ଅଧ୍ୟୟନ କରିବାରେ ସାହାଯ୍ୟ କରିବ ଯାହାଦ୍ୱାରା ଆପଣ ପ୍ରଚୁର ତଥା ଫଳପ୍ରଦ ଜ୍ଞାନ ଓ ବୁଦ୍ଧି ଆହରଣ କରିପାରିବେ ।

**୧. ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାର ଉଦ୍ଦେଶ୍ୟ**

କ) ଏହା ଆପଣଙ୍କୁ ଆତ୍ମାରେ ବୃଦ୍ଧି ପାଇବାପାଇଁ ସାହାଯ୍ୟ କରିବ । (୧ମ ପିତର ୨:୨)
ଖ) ଏହା ଆପଣଙ୍କୁ ଖ୍ରୀଷ୍ଟଙ୍କ ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତ କରିବ । (୨ ତିମଥି ୩:୧୬-୧୭)
ଗ) ଏହା ଆପଣଙ୍କ ବିଶ୍ୱାସକୁ ବଢ଼ାଇବ । (ରୋମୀୟ ୧୦:୧୭)
ଘ) ଈଶ୍ୱରଙ୍କୁ କିପରି ସନ୍ତୁଷ୍ଟ କରିପାରିବେ ଏହା ଆପଣଙ୍କୁ ଦେଖାଇବ । (୧ମ ଥେସଲନୀକୀୟ ୪:୧-୨)

**୨. ବ୍ୟବହାରିକ ଉପକରଣ ଅଧ୍ୟୟନରେ ସହାୟକ :**

କ) ଅଧ୍ୟୟନ ନିମନ୍ତେ ଆବଶ୍ୟକୀୟ ''ସାଧନ'' :
   ୧. ବାଇବଲ (English: NIV or NASB)
   ୨. ଗୁରୁତ୍ୱପୂର୍ଣ୍ଣ ପଦଗୁଡ଼ିକୁ ରେଖାଙ୍କିତ କରିବା ପାଇଁ ଏବଂ ବର୍ଣ୍ଣନାତ୍ମକ ଟିପ୍ପଣୀ ଲେଖିବାପାଇଁ ଗୋଟିଏ ଟିପାଖାତା, ଗୋଟିଏ ଭଲ କଲମ (ବଲ୍ ପଏଣ୍ଟ) ଓ ଗୋଟିଏ ସ୍କେଲ୍
   ୩. ବାଇବଲ ଶବ୍ଦସୂଚୀ (Concordance: Strongs or Youngs)
ଖ) ଅଧ୍ୟୟନରେ ''ସାହାଯ୍ୟ'' ପାଇଁ କିଛି ଉପଯୋଗୀ ପୁସ୍ତକ :
   ୧. ନେଭ୍ ଙ୍କ ପ୍ରାସଙ୍ଗିକ ବାଇବଲ
   ୨. ବାଇବଲର ବିଭିନ୍ନ ଅନୁବାଦ, ନୂତନ ନିୟମର ବର୍ଦ୍ଧିତ ସଂସ୍କରଣ ଇତ୍ୟାଦି ।
   ୩. ବାଇବଲ ଅଭିଧାନ (Dictionary)
   ୪. ଗ୍ରୀକ୍-ଇଂରାଜୀ ବାଇବଲ ଶବ୍ଦକୋଷ (Lexicon)

**୩. ଫଳପ୍ରଦ ଅଧ୍ୟୟନର କଞ୍ଚି :**

କ) ଈଶ୍ୱରଙ୍କ ବାକ୍ୟ ଜାଣିବାପାଇଁ ଆପଣଙ୍କ ଆନ୍ତରିକ ଦୃଢ଼ସଙ୍କଳ୍ପ ଥିବା ଆବଶ୍ୟକ । (ପ୍ରେରିତ ୧୭:୧୧)
ଖ) ପବିତ୍ର ଆତ୍ମାଙ୍କ ଚାଳନା ନିମନ୍ତେ ପ୍ରାର୍ଥନା କରନ୍ତୁ । (ଯୋହନ ୧୬:୧୩)
ଗ) ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରନ୍ତୁ, କେବଳ ପଢ଼ିଯାଆନ୍ତୁ ନାହିଁ (୨ ତିମଥି ୨:୧୫)
ଘ) ମୂଳପଦ ଗୁଡ଼ିକୁ ମନେ ରଖନ୍ତୁ । (ଗୀତସଂହିତା ୧୧୯:୧୧)
ଙ) ଅଧ୍ୟୟନ ପାଇଁ ସମୟ ନିର୍ଦ୍ଧାରଣ କରନ୍ତୁ ।
ଚ) ଯାହା ଶିକ୍ଷା କଲେ ତାହା ପାଳନ କରନ୍ତୁ (ଯାକୁବ ୧:୨୨)
ଛ) ଖ୍ରୀଷ୍ଟ ଯେ ବାଇବଲର ମୁଖ୍ୟ ବିଷୟବସ୍ତୁ ଏବଂ ପରିତ୍ରାଣ ତଥା ଈଶ୍ୱରଙ୍କ ପ୍ରେମକୁ ପ୍ରକାଶ କରିବା ଯେ ବାଇବଲର ମୁଖ୍ୟ ଉଦ୍ଦେଶ୍ୟ ଏହା ହୃଦୟଙ୍ଗମ କରନ୍ତୁ ।

**୪. ଭାବାର୍ଥ ବ୍ୟାଖ୍ୟା କରିବାର କେତୋଟି ନିୟମ**

କ) ଯେଉଁ ପ୍ରସଙ୍ଗରେ ଲେଖାଯାଇଛି, ସେହି ପ୍ରସଙ୍ଗ ନେଇ ବ୍ୟାଖ୍ୟା କରନ୍ତୁ । ଯେଉଁ ପଦ/ଅଂଶ ଅଧ୍ୟୟନ କରୁଛନ୍ତି, ତା'ର ପୂର୍ବ ଓ ପରବର୍ତ୍ତୀ ପଦଗୁଡ଼ିକୁ ନେଇ ଅନୁଧ୍ୟାନ କରନ୍ତୁ ।
ଖ) ସମାନ ଅର୍ଥ ଥିବା ବାକ୍ୟାଂଶ ସହିତ ପ୍ରସଙ୍ଗରେ ଥିବା ପଦ ବା ବାକ୍ୟାଂଶକୁ ତୁଳନା କରନ୍ତୁ । ଗୋଟିଏ ବିଷୟ ଉପରେ ଥିବା ଅନେକ ବାକ୍ୟାଂଶ ଆମର ବୋଧଶକ୍ତି ଏବଂ ବ୍ୟାଖ୍ୟା କରିବାର କ୍ଷମତାକୁ ଦୃଢ଼ କରିଥାଏ ।
ଗ) ପଦଟି କାହାକୁ ଏବଂ କେଉଁ ପରିସ୍ଥିତିରେ ଲେଖାଯାଇଛି, ତାହା ସୁନିଶ୍ଚିତ କରନ୍ତୁ ।
ଘ) ଯୁଗ ସମ୍ବନ୍ଧୀୟ ନୀତି ସହିତ ସୁପରିଚିତ ରହନ୍ତୁ (ଏଠାରେ ଯୁଗ କହିଲେ, ଏପରି ଏକ ବ୍ୟବସ୍ଥାକୁ ବୁଝାଏ ଯହିଁରେ ଈଶ୍ୱର ମନୁଷ୍ୟ ସହ ଏକ ସ୍ୱତନ୍ତ୍ର ବ୍ୟବହାର ଓ ସମ୍ପର୍କ ସ୍ଥାପନ କରନ୍ତି, ଯାହା ଅନ୍ୟଯୁଗଠାରୁ ଭିନ୍ନ) । (ଯୋହନ ୧:୧୭)
ଙ) ଶୁଦ୍ଧ ଓ ସୁସ୍ପଷ୍ଟ ଭାବାର୍ଥ ପ୍ରକାଶ ଉପରେ ଗୁରୁତ୍ୱ ଦିଅନ୍ତୁ ।
ଚ଼) ସଠିକ୍ ଏବଂ ତଥ୍ୟମୂଳକ ଅର୍ଥ ପ୍ରକାଶ କରିବା ପାଇଁ ସମସ୍ତ ବ୍ୟାଖ୍ୟା ମୂଳଭାଷା ଉପରେ ଆଧାରିତ ହେବା ଆବଶ୍ୟକ ।
ଛ) ପୁରାତନ ନିୟମର ବ୍ୟାଖ୍ୟାରେ ସାହାଯ୍ୟ ପାଇଁ ନୂତନ ନିୟମ ତଥା ନୂତନ ନିୟମର ବ୍ୟାଖ୍ୟାରେ ସାହାଯ୍ୟ ପାଇଁ ପୁରାତନ ନିୟମର ଅବିରତ ଅନୁସନ୍ଧାନ କରିବାକୁ ପଡ଼ିବ ।

**୫. ବାଇବଲ ଅଧ୍ୟୟନର ପଦ୍ଧତି :**

କ) ପ୍ରାସଙ୍ଗିକ ଅଧ୍ୟୟନ :

ଆପଣ ଯେଉଁ ଯେଉଁ ବିଷୟରେ ଆଗ୍ରହୀ, ଯଥା ପରିତ୍ରାଣ, ପବିତ୍ର ଆତ୍ମା, ନ୍ୟାୟ, ଅନନ୍ତ ଜୀବନର ଭରସା ଇତ୍ୟାଦି ବିଷୟରେ ବାଇବଲ୍ କ'ଣ କୁହେ ତାହା ଅନୁସନ୍ଧାନ କରନ୍ତୁ ଓ ଏକାଠି ଟିପି ରଖନ୍ତୁ ।

ଖ) ନିଦର୍ଶନାତ୍ମକ ଅଧ୍ୟୟନ

ବିଭିନ୍ନ ଚରିତ୍ରର ଅଧ୍ୟୟନ କରନ୍ତୁ (ଏକ ନିଦର୍ଶନାତ୍ମକ ଚରିତ୍ର ହେଉଛି, ଶାସ୍ତ୍ରୀୟ ସତ୍ୟ ଉପରେ ଆଧାରିତ ଈଶ୍ୱର ଦତ୍ତ ଏକ ଦୃଷ୍ଟାନ୍ତ) । ଉଦାହରଣ ସ୍ୱରୂପ, ଆଦମ ଖ୍ରୀଷ୍ଟଙ୍କ ନିଦର୍ଶନ ଅଟନ୍ତି (ରୋମୀୟ ୫:୧୪), ମଲକୀଷେଦକ ଖ୍ରୀଷ୍ଟଙ୍କ ଏକ ନିଦର୍ଶନ (ଏବ୍ରୀ ୫:୬), ଇତ୍ୟାଦି ।

ଗ) ଜୀବନ ବୃତ୍ତାନ୍ତୀକ ଅଧ୍ୟୟନ

ବାଇବଲର ବ୍ୟକ୍ତିମାନଙ୍କ ବିଷୟରେ ଅନୁଧ୍ୟାନ କରନ୍ତୁ । ଶାସ୍ତ୍ରରେ ସେମାନଙ୍କ ବିଷୟରେ କ'ଣ ଲେଖାଅଛି ଏବଂ ଈଶ୍ୱର ସେମାନଙ୍କ ସମ୍ବନ୍ଧରେ, ସେମାନଙ୍କ ଜୀବନ ଏବଂ ମନୋଭାବ, ସେମାନଙ୍କ ବିଜୟ ଓ ପାପ ଇତ୍ୟାଦି ସମ୍ବନ୍ଧରେ କି କି ପଦକ୍ଷେପ ନେଇଛନ୍ତି ତାହା ଆବିଷ୍କାର କରନ୍ତୁ ।

ଘ) ଶବ୍ଦ ଅଧ୍ୟୟନ

ଅନ୍ୟାନ୍ୟ ଅନୁବାଦ, ଶବ୍ଦକୋଷ, ଅଭିଧାନ ଇତ୍ୟାଦିକୁ ଭିତ୍ତି କରି ଶାସ୍ତ୍ରରେ ବର୍ଣ୍ଣିତ ଗୁରୁତ୍ୱପୂର୍ଣ୍ଣ ଶବ୍ଦଗୁଡ଼ିକର ଅର୍ଥ ଖୋଜି ବାହାର କରନ୍ତୁ ଏବଂ ଦେଖନ୍ତୁ ଆଉ ଅନ୍ୟ କେଉଁ ସ୍ଥାନରେ ସେହି ଶବ୍ଦଗୁଡ଼ିକ ମୂଳଭାଷାରେ ବ୍ୟବହୃତ ହୋଇଛି, ଯଦ୍ୱାରା ଶବ୍ଦର ପ୍ରକୃତ ଅର୍ଥ ଜାଣିପାରିବେ, ଯାହା ପବିତ୍ର ଆତ୍ମା ଜଣାଇବାକୁ ଚାହାଁନ୍ତି ।

ଙ) ପୁସ୍ତକ ଅଧ୍ୟୟନ

ପୁସ୍ତକ ପରେ ପୁସ୍ତକ ତନ୍ନତନ୍ନ କରି ଅଧ୍ୟୟନ କରିଚାଲନ୍ତୁ । ପଢ଼ିବା ସମୟରେ ନିଜକୁ ପ୍ରଶ୍ନ କରନ୍ତୁ, ''ଏହାର ଅର୍ଥ କ'ଣ'' ଓ ''ମୁଁ ଏହାକୁ ମୋ ଜୀବନରେ କିପରି ବ୍ୟବହାର କରିପାରିବି ?''

**୬. ବାଇବଲକୁ କିପରି ଚିହ୍ନିତ କରିବେ**

ଶାସ୍ତ୍ର ଅଧ୍ୟୟନରେ ଫଳପ୍ରଦ ଶିକ୍ଷା ଗ୍ରହଣ କରିବାର ଏକ ସହଜ ଉପାୟ ହେଲା, ବାଇବଲ ଉପରେ କ୍ରମାନୁସାରେ ଚିହ୍ନ ଦେବା ଓ ଟିପ୍ପଣୀ ଲେଖିବା ।

କ. ଶାସ୍ତ୍ରର ମୁଖ୍ୟାଂଶ ଅଥବା ମୂଳ ପଦଗୁଡ଼ିକୁ କଲମରେ ପରିଷ୍କାର ଭାବେ ରେଖାଙ୍କିତ କରନ୍ତୁ ।

ଖ. ଭିନ୍ନ ଭିନ୍ନ ବିଷୟଗୁଡ଼ିକୁ ଚିହ୍ନଟ କରିବା ପାଇଁ ବିଭିନ୍ନ ରଙ୍ଗରେ ରେଖାଙ୍କିତ କରନ୍ତୁ; ଯଥା: ଆଧ୍ୟାତ୍ମିକ ଅଭିବୃଦ୍ଧି ପାଇଁ ସବୁଜ ରଙ୍ଗ, ଖ୍ରୀଷ୍ଟଙ୍କ ମୃତ୍ୟୁ ପାଇଁ ଲାଲ୍ ରଙ୍ଗ ଇତ୍ୟାଦି ।

ଗ. ପ୍ରସଙ୍ଗ ସୂଚିତ କରିବାପାଇଁ ଶେଷଭାଗରେ ଏକ ନିର୍ଦ୍ଦିଷ୍ଟ ଅକ୍ଷର ଲେଖନ୍ତୁ । ଉଦାହରଣ ସ୍ୱରୂପ, ପରିତ୍ରାଣ ନିମନ୍ତେ 'ପ', ସ୍ୱର୍ଗ ନିମନ୍ତେ 'ସ୍ୱ', ଇତ୍ୟାଦି ।

ଘ. ଶାସ୍ତ୍ରାଂଶ ସ୍ୱଷ୍ଟିକରଣ ନିମନ୍ତେ ଅଥବା ଆପଣ ଆବିଷ୍କାର କରିଥିବା ଶବ୍ଦଗୁଡ଼ିକର ମୂଳଅର୍ଥ କିମ୍ବା ଆପଣଙ୍କ ସହାୟତା ନିମନ୍ତେ ଯେ କୌଣସି ବିଷୟ ପାଇଛନ୍ତି ତାହା ବାଇବଲର ମାର୍ଜିନ୍ ରେ ଟିପ୍ପଣୀ ଆକାରରେ ଲେଖନ୍ତୁ ।

ଙ. ଆପଣ ଅଧ୍ୟୟନ କରିଥିବା କୌଣସି ଏକ ବିଷୟବସ୍ତୁ ଉପରେ ଆପଣଙ୍କ ନିଜର ଶୃଙ୍ଖଳିତ ସମ୍ପର୍କ ପ୍ରଣାଳୀ (Chain Reference) ପ୍ରସ୍ତୁତ କରନ୍ତୁ । ଏକ ନିର୍ଦ୍ଦିଷ୍ଟ ପଦର ଶେଷରେ ଏହା ସହ ସମ୍ପର୍କ ରଖୁଥିବା ଆଉ ଏକ ପର୍ବ ପଦର ସଂଖ୍ୟା ଲେଖିବା ଦ୍ୱାରା, ଏଭଳି କରାଯାଇଥାଏ । ତା'ପରେ, ପରବର୍ତ୍ତୀ ପଦର ଆରମ୍ଭରେ ପୂର୍ବ ପଦର ସଂଖ୍ୟା ଓ ଶେଷରେ ଏହି ପଦ ସହିତ ସମ୍ପର୍କ ରଖୁଥିବା ପଦର ସଂଖ୍ୟା ଲେଖନ୍ତୁ । ଏହିଭଳି ଭାବରେ ଏକ ଶୃଙ୍ଖଳିତ ସମ୍ପର୍କ ବିଶିଷ୍ଟ ଯେ କୌଣସି ପଦ ଦେଖିଲେ, ତହିଁର ପୂର୍ବାପର ସମ୍ପର୍କ ରଖୁଥିବା ପଦଗୁଡ଼ିକୁ ଉଭୟ ଦିଗରେ ଠାବ କରିପାରିବେ ।